# Heidelberg Catechism

(Odia)

## ହେଇଡେଲବାର୍ଗ ପ୍ରଶ୍ନ ଉତ୍ତର ଉପକ୍ରମ

**Translated in Odia by:**

Five SOLAS India Translation Society

www.fivesolasindia.com

ହିଡେଲ୍‌ବର୍ଗ ପ୍ରଶ୍ନଉତ୍ତର, ଯାହା ଆମ୍ଭମାନଙ୍କର ବିଭାଗର ତିନୋଟି ରୂପ, ଏହାର ଉତ୍ପତ୍ତି ସ୍ଥଳ ଜର୍ମାନୀ ରାଜଧାନୀର ରାଜକୀୟ ନିର୍ବାଚନମଣ୍ଡଳୀ ହିଡେଲ୍‌ବର୍ଗ ଅନୁସାରେ ନାମିତ ହୋଇଛି । ସଂସ୍କାରିତ ବିଶ୍ୱାସ ଯେପରି ତାଙ୍କ ଅଧିକୃତ ଅଟଳରେ ବଜାୟୀ ରଖାଯାଇପାରିବ, ସେଥିପାଇଁ ପ୍ରଶ୍ନଉତ୍ତର ଉପଦେଶ ନିମନ୍ତେ ଏକ ନିୟମାବଳୀ ପୁସ୍ତିକା ପ୍ରସ୍ତୁତ କରିବା ପାଇଁ ନିର୍ବାଚକ ଫ୍ରେଡେରିକ ୩ୟ ହିଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଯିଖରିୟ ଅର୍ସିନସ୍ ଓ ବିଚାରାଳୟର ପ୍ରଚାରକ କ୍ୟାସପର ଅଲିଭିଆନସ୍‌ଙ୍କୁ କାର୍ଯ୍ୟଭାର ଦେଲେ । ଏହି ପଦକ୍ଷେପରୁ ଏହି ପ୍ରଶ୍ନଉତ୍ତର ଅସିଲା, ଯାହାକି ସ୍ୱୟଂ ନିର୍ବାଚକ ପୁଣି ହିଡେଲ୍‌ବର୍ଗର ସିନୋଦ ବା ଧର୍ମସଭା ଦ୍ୱାରା ଅନୁମୋଦିତ ଲାଭକଲା ଏବଂ ପ୍ରଥମେ ୧୫୬୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହେଲା । ଏହାର ସ୍ୱାଚ୍ଛନ୍ଦ୍ୟ ବିଷୟବସ୍ତୁ ଓ ଆନ୍ତରିକତା, ବ୍ୟକ୍ତିଗତ ଶୈଳୀରେ ଏହି ପ୍ରଶ୍ନଉତ୍ତର ଈଶ୍ୱରଙ୍କ ଲୋକମାନଙ୍କର ପ୍ରେମ ଅତିଶୀଘ୍ର ଲାଭକଲା । ଏହି ବିଷୟ ଏହା ପ୍ରମାଣିତ କରିଥିଲା ଯେ, ସେହି ବର୍ଷ ଏହି ପ୍ରଶ୍ନଉତ୍ତରର ଅଧିକ ସଂସ୍କରଣ ମୁଦ୍ରଣ କରିବାକୁ ହେଲା । ଏହାର ପ୍ରଥମ ସଂସ୍କରଣରେ ୧୨୮ ଟି ପ୍ରଶ୍ନ ଓ ଉତ୍ତର ଥିଲା । କିନ୍ତୁ, ଏହାର ଦ୍ୱିତୀୟ ଓ ତୃତୀୟ ସଂସ୍କରଣଗୁଡ଼ିକରେ, ନିର୍ବାଚକଙ୍କ ଆଦେଶ ଅନୁସାରେ ଅଷ୍ଟାଦଶ ପ୍ରଶ୍ନ ଓ ଉତ୍ତର ଯୋଗ କରାହେଲା, ଯାହା ରୋମାନ କ୍ୟାଥଲିକ ଉପାସନା ପଦ୍ଧତିକୁ ଅଭିଶପ୍ତ ମୂର୍ତ୍ତୀପୁଜା ରୂପେ ସୂଚିତକରେ । ଏହାର ତୃତୀୟ ସଂସ୍କରଣରେ, ୧୨୯ ଗୋଟି ପ୍ରଶ୍ନ ଓ ଉତ୍ତରକୁ ୫୨ ଗୋଟି ପ୍ରଭୁଙ୍କ ଦିନରେ ଭାଗ କରାଗଲା, ଆଉ ସେଥିରେ ଉପାସନାର ଗୋଟିଏ ଦିନରେ ପ୍ରଭୁଙ୍କ ଦିନ ବିଷୟର ପ୍ରଶ୍ନଉତ୍ତରକୁ ବୁଝାଇଦିଆଯାଇଛି । *ଡର୍‌ଡ୍ରେଚର ମଣ୍ଡଳୀର ଉପାସନା ପଦ୍ଧତିର* ବ୍ୟବସ୍ଥା ସହିତ ସମନ୍ୱୟରେ ସେହି ଉପକାରକ ଅଭ୍ୟାସ ଆଜି ଯାଏଁ ବଜାୟୀ ରଖାଯାଇଛି । ୧୯୬୬ ଖ୍ରୀଷ୍ଟାବ୍ଦର ପ୍ରଥମ ଭାଗରେ ହିଡେଲ୍‌ବର୍ଗ ପ୍ରଶ୍ନୋ□ରଗୁଡ଼ିକୁ ନେଦରଲାଣ୍ଡରେ ଡଚ ଭାଷାରେ ଅନୁବାଦ କରାଗଲା, ଆଉ ଏହା ଅତିଶୀଘ୍ର ବହୁ ଲୋକଙ୍କର ପସନ୍ଦ ହେଲା, ପୁଣି ସେଠାକାର ମଣ୍ଡଳୀଗୁଡ଼ିକରେ ବ୍ୟବହାର କରାଗଲା । ଷୋଳଷ ଶତାବ୍ଦିର ପରବର୍ତ୍ତୀ ସମୟରେ, ୧୬୧୮-୧୬୧ ଖ୍ରୀଷ୍ଟାବ୍ଦରେ ଏହାକୁ ବହୁ ଜାତୀୟ ସିନୋଦ ଦ୍ୱାରା ଗ୍ରହଣ କରାଗଲା ଏବଂ ପରିଶେଷରେ ଆମ୍ଭମାନଙ୍କ ବିଭାଗର ତିନୋଟି ରୂପର, ଡର୍‌ଡ୍ରେଚର ସିନୋଦ ଦ୍ୱାରା ଅନ୍ତର୍ଭୁକ୍ତ କରାଗଲା, ଯେଉଁଠାରେ ଏହା ଆଜି ଯାଏଁ ରହିଅଛି ।

## ପ୍ରଭୁଙ୍କ ଦିନ ୧

### ପ୍ରଶ୍ନ ୧. ଜୀବନ ଓ ମୃତ୍ୟୁରେ ଏକମାତ୍ର ସାନ୍ତ୍ୱନା କଅଣ ?

କ. (୧କରନ୍ଥିୟ ୬:୧୯,୨୦) ଉଭୟ ଜୀବନରେ ଓ ମୃତ୍ୟୁରେ, ମୁଁ ମୋର ନିଜର ନୁହେଁ, (ରୋମୀୟ ୧୪:୭,୯) କିନ୍ତୁ, ମୋର ବିଶ୍ୱସ୍ତ ଉଦ୍ଧାରକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅଟେ, (୧କରନ୍ଥିୟ ୩:୨୩) ଯିଏ ନିଜର ବହୁମୂଲ୍ୟ ରକ୍ତରେ, (୧ପିତର ୧:୧୮,୧୯) ମୋର ସମସ୍ତ ପାପର ମୂଲ୍ୟ ସମ୍ପୂର୍ଣ୍ଣ ଦେଇଛନ୍ତି, (୧ଯୋହନ ୧:୭) ଏବଂ ମୋତେ ଶୟତାନର ସମସ୍ତ ଶକ୍ତିରୁ ଉଦ୍ଧାର କରିଛନ୍ତି,(୧ଯୋହନ ୩:୮; ଏବ୍ରି ୨:୧୪,୧୫) ଏବଂ ମୋତେ ସୁରକ୍ଷିତ ରଖିଛନ୍ତି, (ଯୋହନ ୬:୩୯; ଯୋହନ ୧୦:୨୮,୨୯) ଯେପରି ସ୍ୱର୍ଗରେ ଥିବା ମୋର ପିତାଙ୍କର ଇଚ୍ଛା ବିନା ମୋ ମସ୍ତକରୁ ଗୋଟିଏ ମଧ୍ୟ କେଶ ଝଡ଼ିପଡ଼ିବ ନାହିଁ, (ଲୁକ ୨୧:୧୮; ମାଥିଉ ୧୦:୩୦) ଯେପରି, ସମସ୍ତ ବିଷୟ ମୋର ପରିତ୍ରାଣ ନିମନ୍ତେ ଏକତ୍ର କାର୍ଯ୍ୟସାଧନ କରିବ,(ରୋମୀୟ ୮:୨୮) ଯେହେତୁ, ସେ ତାହାଙ୍କ ପବିତ୍ର ଆତ୍ମାଙ୍କ ଦ୍ୱାରା ମୋତେ ଅନନ୍ତ ଜୀବନର ଭରସା ପ୍ରଦାନକରନ୍ତି, (୨କରନ୍ଥିୟ ୧:୨୨; ୨କରନ୍ଥିୟ ୫:୫) ଏବଂ ତାହାଙ୍କ ନିମନ୍ତେ ବଢିବାକୁ ଏବେଠାରୁ ସେ ମୋତେ ହୃଦୟରେ ଇଚ୍ଛା ଜାଗ୍ରତ କରାଉଛନ୍ତି ଏବଂ ପ୍ରସ୍ତୁତ କରୁଛନ୍ତି । (ରୋମୀୟ ୮:୧୪; ରୋମୀୟ ୭:୨୨)

**୨. ତୁମେ ଏହି ଶାନ୍ତ୍ୱନା ଭୋଗକରି ଏବଂ ଖୁସିରେ ଜୀବନଯାପନ କରି ମୃତ୍ୟୁବରଣ କରିବା ନିମନ୍ତେ ତୁମକୁ କେତୋଟି ଜିନିଷ ଜାଣିବାର ଆବଶ୍ୟକ ଅଛି ?**

କ. ତିନୋଟି: (ଲୁକ ୨୪:୪୭) ପ୍ରଥମ ବିଷୟ ହେଉଛି ମୋର ପାପ ଏବଂ ଦୁଃଖ କେତେ ବଡ଼, (୧କରନ୍ଥିୟ ୬:୧୦,୧୧; ଯୋହନ ୯:୪୧; ରୋମୀୟ ୩:୧୦; ରୋମୀୟ ୩:୧୯) ଦ୍ୱିତୀୟ ବିଷୟ ହେଉଛି ମୁଁ କିପରି ମୋର ପାପ ଏବଂ ଦୁଃଖରୁ ଉଦ୍ଧାରପ୍ରାପ୍ତ ହେବି, (ଯୋହନ ୧୭:୩) ତୃତୀୟବିଷୟ ହେଉଛି, ସେହିପ୍ରକାର ଉଦ୍ଧାର କରିବା ନିମନ୍ତେ ମୁଁ ମୋର ପ୍ରଭୁଙ୍କଠାରେ କିପରି କୃତଜ୍ଞତା ପ୍ରକାଶ କରିପାରିବି । (ଏଫିସୀୟ ୫:୮-୧୦)

**ପ୍ରଥମ ଭାଗ- ମନୁଷ୍ୟର ଦୁଃଖ**

## ପ୍ରଭୁଙ୍କ ଦିନ ୨

**ପ୍ରଶ୍ନ ୩. ସେହି ଦୁଃଖ ବିଷୟରେ ଆମ୍ଭେମାନେ କିପରି ଜାଣୁ ?**

କ. ଈଶ୍ୱରଙ୍କର ବ୍ୟବସ୍ଥାରୁ । (ଲୁକ ୩:୨୦)

**ପ୍ରଶ୍ନ ୪. ଈଶ୍ୱରଙ୍କର ବ୍ୟବସ୍ଥା ଆମ୍ଭମାନଙ୍କଠାରୁ କଅଣ ଆବଶ୍ୟକ କରିଥାଏ ?**

କ. ଖ୍ରୀଷ୍ଟ ସେହି ବିଷୟରେ ଆମ୍ଭମାନଙ୍କୁ ସଂକ୍ଷିପ୍ତରେ ଶିକ୍ଷା ଦିଅନ୍ତି, ମାଥିଉ ୨୨:୩୭-୪୦ କହେ, *ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟଟି ଏହାର ସଦୃଶ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ଏହି ଦୁଇ ଆଜ୍ଞା ଉପରେ ସମସ୍ତ ବ୍ୟବସ୍ଥା ଓ ଭାବବାଦୀମାନଙ୍କର ଧର୍ମଶାସ୍ତ୍ର ନିର୍ଭର କରେ ।* (ଲୁକ ୧୦:୨୭)

**ପ୍ରଶ୍ନ ୫. ଆମ୍ଭେମାନେ ଏହି ସମସ୍ତ ବିଷୟ ସିଦ୍ଧ ଭାବରେ ପାଳନ କରିପାରିବା କି ?**

କ. କୌଣସି ପ୍ରକାରେ ନୁହେଁ (ରୋମୀୟ ୩:୧୦; ୧ଯୋହନ ୧:୮), କାରଣ ଈଶ୍ୱରଙ୍କୁ ଏବଂ ମୋର ପ୍ରତିବାସୀଙ୍କୁ ଘୃଣା କରିବାକୁ ମୁଁ ମୋର ସ୍ୱଭାବ ଦ୍ୱାରା ପ୍ରବଣ ହୋଇଥାଏ । (ରୋମୀୟ ୮:୭; ତିତସ ୩:୩)

**ପ୍ରଭୁଙ୍କ ଦିନ ୩**

**ପ୍ରଶ୍ନ ୬. ତେବେ ମନୁଷ୍ୟକୁ ଈଶ୍ୱର ଏତେ ଦୁଃଷ୍ଟ ଏବଂ ବିପଥଗାମୀ ଭାବରେ ସୃଷ୍ଟିକଲେ କି ?**

କ. ଆଦୌ ନୁହେଁ, କିନ୍ତୁ ମନୁଷ୍ୟକୁ ଈଶ୍ୱର ଉତ୍ତମ ଭାବରେ (ଆଦି ୧:୩୧) ଏବଂ ଆପଣା ସାଦୃଶ୍ୟରେ,(ଆଦି ୧:୨୬.୨୭; କଲସୀୟ ୩:୧୦; ଏଫିସୀୟ ୪:୨୪) ପ୍ରକୃତ ଧାର୍ମିକତା ଏବଂ ପବିତ୍ରତାରେ ସୃଷ୍ଟିକଲେ, ଯେପରି ସେ ନିଜର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଠିକ୍ ଭାବରେ ଜାଣିପାରିବ, ହୃଦୟତାର ସହିତ ତାହାଙ୍କୁ ପ୍ରେମ କରିବ ଏବଂ ତାହାଙ୍କୁ ଗୌରବ ଦେବାପାଇଁ ଏବଂ ପ୍ରଶଂସା କରିବା ପାଇଁ ଅନନ୍ତ ସୁଖରେ ତାହାଙ୍କ ସହିତ ଜୀବନଯାପନ କରିପାରିବ ।(ଏଫିସୀୟ ୧:୬; ୧କରନ୍ଥିୟ ୬:୨୦)

**ପ୍ରଶ୍ନ ୭. ତେବେ ମନୁଷ୍ୟଠାରେ ବିପଥଗାମୀର ଏହି ସ୍ୱଭାବ କେଉଁଠାରୁ ଜାତ ହେଲା ?**

କ. ଆମ୍ଭମାନଙ୍କର ପ୍ରଥମ ପିତାମାତା, ଆଦମ ଏବଂ ହବା ପାରାଦେଶରେ ପାପ କରିବାରୁ ଏବଂ ଈଶ୍ୱରଙ୍କ ଅବାଧ୍ୟ ହେବାଠାରୁ ଏହା ଜାତ ହେଲା, (ଆଦି ୩:୬; ରୋମୀୟ ୫:୧୨; ରୋମୀୟ ୫:୧୮,୧୯) ଏହାଦ୍ୱାରା ଆମ୍ଭମାନଙ୍କର ସ୍ୱଭାବ ଏତେ ଭ୍ରଷ୍ଟାଚାର ହେଲା ଯେ ଆମ୍ଭେମାନେ ସମସ୍ତେ ପାପରେ ଗର୍ଭସ୍ଥ ଏବଂ ଜନ୍ମହେଲୁ । (ଗୀତ ୫୧:୫; ଆଦି ୫:୩)

**ପ୍ରଶ୍ନ ୮. ତେବେ ଆମ୍ଭେମାନେ କଅଣ ଏତେ ଭ୍ରଷ୍ଟାଚାର ହୋଇଅଛୁ ଯେପରି ଆମ୍ଭେମାନେ କୌଣସି ଉତ୍ତମ ବିଷୟ କରିବା ନିମନ୍ତେ ସକ୍ଷମ ନୋହୁଁ ଏବଂ ସମସ୍ତ ପ୍ରକାର ଦୁଃଷ୍ଟତାରେ ଲାଗି ରହିଅଛୁ ?**

କ. ବାସ୍ତବରେ ଆମ୍ଭେମାନେ ସେପରି ଅଟୁ, (ଆଦି ୬:୫; ଆୟୁବ ୧୪:୪; ଆୟୁବ ୧୫:୧୪; ଆୟୁବ ୧୫:୧୬) ଯଦି ଆମ୍ଭେମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ନୂତନ ଭାବରେ ଜନ୍ମ ହୋଇନାହୁଁ । (ଯୋହନ ୩:୫; ଏଫିସୀୟ ୨:୫)

**ପ୍ରଭୁଙ୍କ ଦିନ ୪**

**ପ୍ରଶ୍ନ ୯. ତେବେ ଯେଉଁ ବ୍ୟବସ୍ଥା ମନୁଷ୍ୟ ସାଧନ କରିପାରିବ ନାହିଁ, ତାହା ମନୁଷ୍ୟ ସାଧନ କରିବା ନିମନ୍ତେ ଆବଶ୍ୟକ କରି ଈଶ୍ୱର ମନୁଷ୍ୟ ପ୍ରତି ଅନ୍ୟାୟ କରୁନାହାନ୍ତି କି ?**

କ. ଆଦୌ ନୁହେଁ, (ଉପଦେଶକ ୭:୨୯) କାରଣ ପ୍ରଭୁ ଏହା ସାଧନ କରିବାର ସକ୍ଷମତାରେ ମନୁଷ୍ୟକୁ ସୃଷ୍ଟିକଲେ, (ଯୋହନ ୮:୪୪; ୨କରନ୍ଥିୟ ୧୧:୩) କିନ୍ତୁ ଶୟତାନର ମନ୍ଦତାର ପ୍ରଲୋଚନାରେ, (ଆଦି ୩:୪; ଆଦି ୩:୭) ମନୁଷ୍ୟ ନିଜ ଇଚ୍ଛାରେ ଈଶ୍ୱରଙ୍କର ଅବାଧ୍ୟ ହୋଇ, ନିଜକୁ ବିପଥଗାମୀ କଲା ଏବଂ ଈଶ୍ୱର ତାହାଙ୍କୁ ଯେଉଁ ସମସ୍ତ ଦାନ ଦେଇଥିଲେ ସେଥିରୁ ସେ ଦୂରକୁ ଚାଲିଗଲା । (ରୋମୀୟ ୫:୧୨)

**ପ୍ରଶ୍ନ ୧୦. ସେହିପ୍ରକାରର ଅବାଧ୍ୟତା ଏବଂ ବିଦ୍ରୋହ ନିମନ୍ତେ ଈଶ୍ୱର ଦଣ୍ଡ ନ ଦେଇ ମନୁଷ୍ୟକୁ ଛାଡ଼ିଦେବେ କି ?**

କ. କୌଣସି ପ୍ରକାରେ ନୁହେଁ, କିନ୍ତୁ ସେ ଆମ୍ଭମାନଙ୍କର ମୂଳ ପାପ ଓ ପ୍ରକୃତ ପାପ ପ୍ରତି ଅତ୍ୟନ୍ତ ଅସନ୍ତୁଷ୍ଟ ଅଟନ୍ତି (ଗୀତ ୫:୫), ପୁଣି ସେ ନିଜର ନ୍ୟାୟରେ, (ରୋମୀୟ ୧:୧୮; ୨ୟ ବିବରଣୀ ୨୮:୧୫; ଏବ୍ରି ୯:୨୭) ସେମାନଙ୍କର ବିଚାରକରି ସେମାନଙ୍କୁ ଅସ୍ଥାୟୀ ଏବଂ ଅନନ୍ତକାଳ ଦଣ୍ଡ ଦେବେ, ଯେପରି ସେ ଘୋଷଣା କରନ୍ତି, *ଯେକେହି ବ୍ୟବସ୍ଥା ପୁସ୍ତକରେ ଲିଖିତ ସମସ୍ତ କଥା ପାଳନ କରିବା ପାଇଁ ସେଥିରେ ନିତ୍ୟ ପ୍ରବୃତ ନ ହୁଏ ସେ ଶାପଗ୍ରସ୍ତ ହେଉ ।* (୨ୟ ବିବରଣୀ ୨୭:୨୬; ଗାଲାତୀୟ ୩:୧୦)

**ପ୍ରଶ୍ନ ୧୧. ତେବେ ଈଶ୍ୱର ଅନୁଗ୍ରହପୂର୍ଣ୍ଣ ନୁହନ୍ତି କି ?**

କ. ଈଶ୍ୱର ବାସ୍ତବରେ ଅନୁଗ୍ରହ ପୂର୍ଣ୍ଣ ଅଟନ୍ତି,(ଯାତ୍ରା ୩୪:୬) କିନ୍ତୁ ସେ ନ୍ୟାୟବାନ୍ ମଧ୍ୟ ଅଟନ୍ତି,(ଯାତ୍ରା ୨୦:୫; ଆୟୁବ ୩୪:୧୦,୧୧) ତେଣୁ ଯେଉଁ ପାପ ସର୍ବୋପରିସ୍ଥ ପମେଶ୍ୱରଙ୍କ ବିରୁଦ୍ଧରେ କରାଯାଇଅଛି ତାହାକୁ ଦଣ୍ଡ ଦେବା ନିମନ୍ତେ ଅତିଶୟ ଦଣ୍ଡ ଦେବାକୁ ଆବଶ୍ୟକ କରେ, (ଗୀତ ୫:୫,୬) ଯାହାକି ଶରୀର ଏବଂ ପ୍ରାଣର ଅନନ୍ତକାଳୀନ ଦଣ୍ଡ ଅଟେ ।(ଆଦି ୨:୧୭; ରୋମୀୟ ୬:୨୩)

**ଦ୍ୱିତୀୟ ଭାଗ – ମନୁଷ୍ୟର ଉଦ୍ଧାର**

**ପ୍ରଭୁଙ୍କ ଦିନ ୫**

**ପ୍ରଶ୍ନ ୧୨. ଈଶ୍ୱରଙ୍କର ଧାର୍ମିକତାର ବିଚାର ଦ୍ୱାରା, ଆମ୍ଭେମାନେ ଅସ୍ଥାୟୀ ଏବଂ ସ୍ଥାୟୀ ଭାବରେ ଦଣ୍ଡଭୋଗ କରିବାକୁ ଯୋଗ୍ୟ ହୋଇଥିବାରୁ, ଆମ୍ଭେମାନେ ସେହି ଦଣ୍ଡରୁ ଉଦ୍ଧାର ପାଇବା ନିମନ୍ତେ ଏବଂ ଈଶ୍ୱରଙ୍କ ଅନୁଗ୍ରହ ପଥରେ ଲାଭ କରିବା ନିମନ୍ତେ ଆଉ କୌଣସି ଉପାୟ ନାହିଁ କି ?**

କ. ଈଶ୍ୱର ନିଜର ନ୍ୟାୟକୁ ସେ ସନ୍ତୁଷ୍ଟ କରିବେ,(ଯାତ୍ରା ୨୦:୫) ସେହି କାରଣରୁ ଆମ୍ଭମାନଙ୍କୁ ତାହା ନିଜେ କିମ୍ବା ଅନ୍ୟ ଦ୍ୱାରା

ସମ୍ପୂର୍ଣ୍ଣ ପରିତୃପ୍ତ କରିବାକୁ ହେବ । (୨ଯବିବରଣୀ ୨୪:୧୬; ୨କରନ୍ଥିୟ ୫:୧୪,୧୫)

**ପ୍ରଶ୍ନ ୧୩. ତେବେ ଆମ୍ଭେମାନେ ନିଜେ ଏହା ସମ୍ପୂର୍ଣ୍ଣ ସନ୍ତୁଷ୍ଟ କରିପାରିବା କି ?**

କ. ଆଦୌ ନୁହେଁ, (ଆୟୁବ ୯:୨,୩; ଆୟୁବ ୧୫:୧୪-୧୬) କିନ୍ତୁ ବିପରିତରେ ଆମ୍ଭେମାନେ ଦିନକୁ ଦିନ ଆମ୍ଭମାନଙ୍କର ଅପରାଧ ବୃଦ୍ଧି କରିଥାଉ । (ମାଥିଉ ୬:୧୨, ଯିଶାଇୟ ୬୪:୬)

**ପ୍ରଶ୍ନ ୧୪. ତେବେ ଆମ୍ଭେମାନେ ଏହିପରି କାହାକୁ ପାଇପାରିବା କି ଯିଏ ଏକ ସାଧାରଣ ସୃଷ୍ଟି ହୋଇଥିବେ, କିନ୍ତୁ ଆମ୍ଭମାନଙ୍କ ନିମନ୍ତେ ସନ୍ତୁଷ୍ଟ କରିବା ପାଇଁ ସକ୍ଷମ ହୋଇଥିବେ ?**

କ. କେହି ନାହିଁ, କାରଣ, ପ୍ରଥମ ବିଷୟ ହେଉଛି, ମନୁଷ୍ୟ ଯେଉଁ ପାପ କରିଅଛି ସେଥି ପାଇଁ ଈଶ୍ୱର ଅନ୍ୟ କୌଣସି ପ୍ରାଣୀକୁ ଦଣ୍ଡ ଦେବେ ନାହିଁ,(ମାଥିଉ ୬:୧୨, ଯିଶାଇୟ ୬୪:୬) ଆଉ ତାହା ସହିତ, ଈଶ୍ୱର ପାପ ବିରୁଦ୍ଧରେ ଯେଉଁ ଅନନ୍ତ ଦଣ୍ଡ ପ୍ରଦାନ କରନ୍ତି ସେଥିରୁ ମନୁଷ୍ୟମାନଙ୍କୁ ଉଦ୍ଧାର କରିବା ପାଇଁ ତାହାର ବୋଝ କୌଣସି ପ୍ରକାର ସାଧାରଣ ପ୍ରାଣୀ ବହନ କରି ତିଷ୍ଠି ରହିପାରିବ ନାହିଁ । (ପ୍ରକାଶିତ ୫:୩; ଗୀତ ୪୯:୮,୯)

**ପ୍ରଶ୍ନ ୧୫. ତେବେ ଆମ୍ଭେମାନେ କେଉଁ ପ୍ରକାରର ମଧ୍ୟସ୍ଥି ଏବଂ ଉଦ୍ଧାରକର୍ତ୍ତାଙ୍କୁ ଅନ୍ୱେଷଣ କରିବାକୁ ହେବ ?**

କ. ଯିଏକି ଜଣେ ସମ୍ପୂର୍ଣ୍ଣ ମନୁଷ୍ୟ ହୋଇଥିବେ, (୧କରନ୍ଥିୟ ୧୫:୨୧; ରୋମୀୟ ୮:୩) ଏବଂ ସିଦ୍ଧ ଭାବରେ ଧାର୍ମିକ ହୋଇଥିବେ, ପୁଣି ସମସ୍ତ ସୃଷ୍ଟିଠାରୁ ଅଧିକ ଶକ୍ତିଶାଳୀ ହୋଇଥିବେ, ଆହୁରି ମଧ୍ୟ ଯିଏକି ସ୍ୱୟଂ ଈଶ୍ୱରଙ୍କ ହୋଇଥିବେ । (ରୋମୀୟ ୯:୫; ଯିଶାଇୟ ୭:୧୪)

## ପ୍ରଭୁଙ୍କ ଦିନ ୬

**ପ୍ରଶ୍ନ ୧୬. ସେ କାହିଁକି ଜଣେ ପ୍ରକୃତ ମନୁଷ୍ୟ ଏବଂ ସିଦ୍ଧ ଭାବରେ ଧାର୍ମିକ ହୋଇଥିବା ଆବଶ୍ୟକ ?**

କ. କାରଣ ଈଶ୍ୱରଙ୍କର ନ୍ୟାୟ ତାହା ଆବଶ୍ୟକ କରେ, ଯେପରି ଯେଉଁ ମନୁଷ୍ୟ ସ୍ୱଭାବ ପାପକଲା, ତାହା ସେହି ପାପର ଦଣ୍ଡକୁ ସନ୍ତୁଷ୍ଟ କରିବାକୁ ହେବ (ରୋମୀୟ ୫:୧୨; ରୋମୀୟ ୫:୧୫) ଏବଂ ଯିଏ ନିଜେ ପାପି ହୋଇଥିବ ସେ ଅନ୍ୟମାନଙ୍କର ପାପର ଦଣ୍ଡ ନିମନ୍ତେ ସନ୍ତୁଷ୍ଟ କରିପାରିବ ନାହିଁ (୧ପିତର ୩:୧୮; ଯିଶାଇୟ ୫୩:୧୧)

**ପ୍ରଶ୍ନ ୧୭. କାହିଁକି ତାହାଙ୍କୁ ଅବଶ୍ୟ ଜଣେ ବ୍ୟକ୍ତି ଓ ଈଶ୍ୱର ହେବାକୁ ହେବ ?**

କ. ଯେପରି ସେ ନିଜ ଈଶ୍ୱରତ୍ୱ ଶକ୍ତିରେ, ଈଶ୍ୱରଙ୍କ କ୍ରୋଧର ବୋଝର ସ୍ୱଭାବ ବହନ କରି ତିଷ୍ଠି ପାରିବେ (୧ପିତର ୩:୧୮; ପ୍ରେରିତ ୨:୨୪; ଯିଶାଇୟ ୫୩:୮) ଏବଂ ସେଥିରୁ ତାହା ଲାଭ କରିବେ ପୁଣି ଆମ୍ଭମାନଙ୍କ ନିମନ୍ତେ ଧାର୍ମିକତା ଏବଂ ଜୀବନକୁ ପୁନଃସଂସ୍ଥାପନ କରିପାରିବେ । (୧ଯୋହନ ୧:୨; ଯିରିମିୟ ୨୩:୬; ୨ତିମଥି ୧:୧୦; ଯୋହନ ୬:୫୧)

**ପ୍ରଶ୍ନ ୧୮. ତେବେ ସେହି ମଧ୍ୟସ୍ଥି କିଏ, ଯିଏକି ଉଭୟ ଜଣେ ଈଶ୍ୱର ପୁଣି ଜଣେ ଧାର୍ମିକ ମନୁଷ୍ୟ ହୋଇଥିବେ ?**

କ. ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ, (ମାଥିଉ ୧:୨୩; ୧ତିମଥି ୩:୧୬; ଲୁକ ୨:୧୧) *ଯିଏକି ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କ ନିମନ୍ତେ ଜ୍ଞାନ, ଅର୍ଥାତ୍ ଧାର୍ମିକତା, ପବିତ୍ରତା ଓ ମୁକ୍ତି ସ୍ୱରୂପେ ହୋଇଅଛନ୍ତି ।* (୧କରନ୍ଥିୟ ୧:୩୦)

**ପ୍ରଶ୍ନ ୧୯. ଅମ୍ଭେମାନେ ଏହି ବିଷୟ କେଉଁଠାରୁ ଜାଣିପାରୁ ?**

କ. ଆମ୍ଭେମାନେ ପବିତ୍ର ସୁସମାଚାରରୁ ଏହା ଜାଣିପାରୁ, ଯେଉଁ ସୁସମାଚାର ସ୍ୱୟଂ ଈଶ୍ୱର ପାରାଦିଶରେ ପ୍ରକାଶକଲେ (ଆଦି ୩:୧୫) ଏବଂ ଏହାପରେ ପରବର୍ତ୍ତୀ ସମୟରେ ପିତୃପୁରୁଷ ଏବଂ ଭାବବାଦୀମାନଙ୍କ ଦ୍ୱାରା ପ୍ରକାଶିତ ହୋଇଅଛି (ଆଦି ୨୨:୧୭, ୧୮; ଆଦି ୨୮:୧୪; ରୋମୀୟ ୧:୨; ଏବ୍ରି ୧:୧; ଯୋହନ ୫:୪୬) ପୁଣି ବଳିଦାନ ଦ୍ୱାରା ଉପସ୍ଥାପନ କରାଯାଇଅଛି, (ଏବ୍ରି ୧୦:୭,୮) ଆଉ ବ୍ୟବସ୍ଥାର ଅନ୍ୟାନ୍ୟ କ୍ରିୟାକର୍ମ ପ୍ରକାଶିତ ହୋଇଅଛି ପୁଣି ପରିଶେଷରେ ଈଶ୍ୱରଙ୍କର ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା ସଫଳ ହୋଇଅଛି । (ରୋମୀୟ ୧୦:୪; ଏବ୍ରି ୧୩:୮)

## ପ୍ରଭୁଙ୍କ ଦିନ ୭

**ପ୍ରଶ୍ନ ୨୦. ତେବେ ସମସ୍ତ ମନୁଷ୍ୟ ଯେପରି ଆଦାମଙ୍କଠାରେ ଦଣ୍ଡ ପ୍ରାପ୍ତ ହୁଅନ୍ତି ସେହିପରି ଖ୍ରୀଷ୍ଟଙ୍କ ଦ୍ୱାରା ଉଦ୍ଧାରପ୍ରାପ୍ତ ହେବେ କି ?**

କ. ନାହିଁ, (ମାଥିଉ ୧:୨୧; ଯିଶାଇୟ ୫୩:୧୧) ଯେଉଁମାନେ ତାହାଙ୍କଠାରେ କଲମିକରଣ କରାଯାଇଅଛନ୍ତି ଏବଂ ପ୍ରକୃତ ବିଶ୍ୱାସ ଦ୍ୱାରା ତାହାଙ୍କର ସମସ୍ତ ଉପକାର ପ୍ରାପ୍ତ ହୁଅନ୍ତି କେବଳ ସେମାନେ ଉଦ୍ଧାର ପ୍ରାପ୍ତହେବେ । (ଯୋହନ ୧:୧୨,୧୩; ରୋମୀୟ ୧୧:୨୦; ଏବ୍ରି ୧୦:୩୯)

**ପ୍ରଶ୍ନ ୨୧. ପ୍ରକୃତ ବିଶ୍ୱାସ କଅଣ ଅଟେ ?**

କ. ପ୍ରକୃତ ବିଶ୍ୱାସକେବଳ ଏକ ନିର୍ଦ୍ଦିଷ୍ଟ ଜ୍ଞାନ ନୁହେଁ, (ଯୋହନ ୬:୬୯; ଯୋହନ ୧୭:୩; ଏବ୍ରି ୧୧:୩; ଏବ୍ରି ୧୧:୬) ଯାହା ଦ୍ୱାରା ଈଶ୍ୱର ନିଜ ବାକ୍ୟରେ ପ୍ରକାଶ କରିଥିବା ସତ୍ୟକୁ ମୁଁ ଧାରଣ କରିଥାଏ, କିନ୍ତୁ ପ୍ରକୃତ ବିଶ୍ୱାସ ହେଉଛି, ଏକ ଭରସାଯୋଗ୍ୟ ନିଶ୍ଚୟତା, (ଏଫିସୀୟ ୩:୧୨) ଯାହା ସୁସମାଚାର ଦ୍ୱାରା ପବିତ୍ର ଆତ୍ମା, (ରୋମୀୟ ୪:୧୬; ରୋମୀୟ ୪:୨୦; ଏବ୍ରି ୧୧:୧; ଏଫିସୀୟ ୩:୧୨; ରୋମୀୟ ୧:୧୬; ୧କରନ୍ଥିୟ ୧:୨୧; ପ୍ରେରିତ ୧୬:୧୭; ଯୋହନ ୩:୫) ମୋ ହୃଦୟରେ କାର୍ଯ୍ୟ କରିଥାଆନ୍ତି, (ରୋମୀୟ ୧୦:୧୪; ରୋମୀୟ ୧୦:୧୭; ମାଥିଉ ୯:୨) ଯେପରି ଅନ୍ୟମାନଙ୍କ ନିମନ୍ତେ ହି ନୁହେଁ କିନ୍ତୁ ମୋ ପ୍ରତି ମଧ୍ୟ, ପାପରୁ କ୍ଷମାପ୍ରାପ୍ତ ହୋଇଥାଏ, (ରୋମୀୟ ୫:୧) ଅନନ୍ତକାଳୀନ ଧାର୍ମିକତା ଏବଂ ପରିତ୍ରାଣ, (ଗାଲାତୀୟ ୨:୨୦) ଈଶ୍ୱରଙ୍କ ଦ୍ୱାରା କେବଳ ଅନୁଗ୍ରହରେ ବିନାମୂଲ୍ୟର ଖ୍ରୀଷ୍ଟଙ୍କର ଉତ୍ତମ କର୍ମ ଦ୍ୱାରା ଦତ୍ତ ହୋଇଥାଏ । (ରୋମୀୟ ୩:୨୪-୨୬)

**ପ୍ରଶ୍ନ ୨୨. ତେବେ ଜଣେ ଖ୍ରୀଷ୍ଟିୟାନ ବିଶ୍ୱାସ କରିବା ନିମନ୍ତେ କଣ କରିବା ଆବଶ୍ୟକ ?**

କ. ଆମ୍ଭମାନଙ୍କ ନିମନ୍ତେ ସୁସମାଚାରରେ ପ୍ରତିଜ୍ଞା କରାଯାଇଥିବା ସମସ୍ତ ବିଷୟ, (ଯୋହନ ୨୦:୩୧; ମାଥିଉ ୨୮:୧୯,୨୦) ଯେଉଁ ଲେଖାଗୁଡ଼ିକ ଆମ୍ଭମାନଙ୍କର ସାର୍ବଜନୀନ ମଣ୍ଡଳୀ ନିଃସନ୍ଦେହ ଖ୍ରୀଷ୍ଟିୟାନ ବିଶ୍ୱାସ ସଂକ୍ଷିପ୍ତରେ ଶିକ୍ଷାଦିଏ ।

**ପ୍ରଶ୍ନ ୨୩. ଏହି ଲେଖାଗୁଡ଼ିକ କଅଣ କଅଣ ?**

କ. *୧. ମୁଁ ସ୍ୱର୍ଗ ଏବଂ ପୃଥିବୀର ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ ପିତା ଈଶ୍ୱରଙ୍କଠାରେ*

*୨. ପୁଣି ତାହାଙ୍କର ଏକମାତ୍ର ପୁତ୍ର ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ।*

*୩. ଯିଏ ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭସ୍ଥ ହୋଇ, କୁମାରୀ ମରିୟମଙ୍କ ଦ୍ୱାରା ଜନ୍ମ ହେଲେ ।*

*୪. ପନ୍ତିୟ ପିଲାତଙ୍କ ଦ୍ୱାରା ଦୁଃଖଭୋଗ କରି, କ୍ରୁଶାର୍ପିତ ହେଲେ ଓ ମୃତ୍ୟୁବରଣ କଲେ ପୁଣି ସମାଧି ପ୍ରାପ୍ତ ହେଲେ, ସେ ପାତାଳକୁ ଅବତରଣକଲେ ।*

*୫. ତୃତୀୟ ଦିନରେ ସେ ମୃତ୍ୟୁରୁ ପୁଣିଥରେ ଉଠିଲେ ।*

*୬. ସେ ସ୍ୱର୍ଗାରୋହଣ କଲେ ଏବଂ ସର୍ବଶକ୍ତିମାନ ପିତା ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କଲେ ।*

*୭. ଏହାପରେ ସେ ଜୀବିତ ଏବଂ ମୃତ ଲୋକମାନଙ୍କର ବିଚାର କରିବା ପାଇଁ ଆସିବେ ।*

*୮. ଆଉ ମୁଁ ପବିତ୍ର ଆତ୍ମାଙ୍କଠାରେ ବିଶ୍ୱାସ କରେ ।*

*୯. ପୁଣି ମୁଁ ପବିତ୍ର କ୍ୟାଥଲିକ ମଣ୍ଡଳୀରେ, ସାଧୁମାନଙ୍କର ସହଭାଗୀତାରେ*

*୧୦. ପାପର କ୍ଷମାରେ,*

*୧୧. ଶରୀରର ପୁନରୁତ୍ଥାନ ଓ*

*୧୨. ଅନନ୍ତ ଜୀବନରେ ବିଶ୍ୱାସ କରେ । ଆମେନ୍ ।*

**ପ୍ରଭୁଙ୍କ ଦିନ ୮**

**ପ୍ରଶ୍ନ ୨୪. ଏହି ଲେଖାଗୁଡ଼ିକୁ କିପରି ଭାଗ କରାଯାଇଅଛି ?**

କ. ଏହି ଲେଖାଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇଛି - ପ୍ରଥମଟି ହେଉଛି, ପିତା ଈଶ୍ୱର ଏବଂ ଆମ୍ଭମାନଙ୍କର ସୃଷ୍ଟି(ଆଦି ୧) ଦ୍ୱିତୀୟଟି ହେଉଛି, ପୁତ୍ର ଈଶ୍ୱର ଏବଂ ଆମ୍ଭମାନଙ୍କର ଉଦ୍ଧାର (୧ପିତର ୧:୧୮; ୧ପିତର ୧:୧୯) ଏବଂ ତୃତୀୟ ହେଉଛି, ପବିତ୍ର ଆତ୍ମା ଈଶ୍ୱର ଓ ଆମ୍ଭମାନଙ୍କର ପବିତ୍ରୀକରଣ । (୧ପିତର ୧:୨୧; ୧ପିତର ୧:୨୨)

ପ୍ରଶ୍ନ ୨୫. କେବଳ ଏକମାତ୍ର ଈଶ୍ୱର ଅଛନ୍ତି, (୨ବିବରଣୀ ୬:୪) ତଥାପି ଆମ୍ଭେମାନେ କାହିଁକି ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ବୋଲି କହିଥାଉ ?

କ. କାରଣ ଈଶ୍ୱର ଆପଣାର ବାକ୍ୟରେ ସେହିପରି ପ୍ରକାଶ କରିଛନ୍ତି, (ଆଦି ୧:୨୬; ଯିଶାଇୟ ୬:୧; ଯୋହନ ୧୪:୧୬,୧୭) କାରଣ, ଏହି ତିନୋଟି ଭିନ୍ନ ଭିନ୍ନ ୩ଟି ବ୍ୟକ୍ତିତ୍ୱ ହେଲେ ମଧ୍ୟ ଏକମାତ୍ର ସତ୍ୟ ଏବଂ ଅନନ୍ତ ଈଶ୍ୱର ଅଛନ୍ତି । (ଆଦି ୧:୨୬; ଯିଶାଇୟ ୬:୧; ଯୋହନ ୧୪:୧୬,୧୭; ୧ ଯୋହନ ୫:୭; ଯୋହନ ୧:୧୩; ମାଥିଉ ୨୮:୧୯; ୨ କରନ୍ଥିୟ ୧୩:୧୪)

**ପିତା ଈଶ୍ୱର**

**ପ୍ରଭୁଙ୍କ ଦିନ ୯**

**ପ୍ରଶ୍ନ ୨୬. ଆମ୍ଭେମାନେ ଏହିପରି କହୁ, ସେଥିରେ କଅଣ ବିଶ୍ୱାସ କରୁ, ମୁଁ ସ୍ୱର୍ଗ ଏବଂ ପୃଥିବୀର ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ ପିତା ଈଶ୍ୱରଙ୍କଠାରେ ବିଶ୍ୱାସ କରେ ?**

କ. ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନାଦି ଅନନ୍ତ ପିତା (ଯିଏକି ଶୂନ୍ୟରୁ ସ୍ୱର୍ଗ ଏବଂ ପୃଥିବୀ ଓ ସେଥିରେ ଥିବା ସମସ୍ତ ବିଷୟ ସୃଷ୍ଟି

କଲେ,(ଆଦି ୧:୨; ଗୀତ ୩୩:୬) ଯିଏ ନିଜର ଅନାଦି ଅନନ୍ତ ଶକ୍ତି ଏବଂ ସୁବ୍ୟବସ୍ଥା ଦ୍ୱାରା ସମସ୍ତ ବିଷୟକୁ ଧାରଣ ଏବଂ କର୍ତ୍ତୃତ୍ୱ କରନ୍ତି (ଗୀତ ୧୧୫:୩; ମାଥିଉ ୧୦:୨୯; ଏବ୍ରି ୧:୩; ଯୋହନ ୫:୧୭)) ହେଉଛନ୍ତି, ତାହାଙ୍କର ପୁତ୍ର ଖ୍ରୀଷ୍ଟଙ୍କ ନିମନ୍ତେ, ମୋହର ପ୍ରଭୁ ଏବଂ ମୋହର ପିତା, ଯାହାଙ୍କଠାରେ ମୁଁ ସମ୍ପୂର୍ଣ୍ଣ ନିର୍ଭର କରେ, ଯିଏ ମୋହର ପ୍ରାଣ ଏବଂ ଶରୀର ନିମନ୍ତେ ଆବଶ୍ୟକ ସମସ୍ତ ବିଷୟ ଯୋଗାନ୍ତି, (ଯୋହନ ୧:୧୨; ଯୋହନ ୧:୧୬; ରୋମୀୟ ୮:୧୫,୧୬; ଗାଲାତୀୟ ୪:୫,୬; ଏଫିସୀୟ ୧:୫; ୧ଯୋହନ ୩:୧) ସେଥିରେ ମୋହର କୌଣସି ସନ୍ଦେହ ନାହିଁ, ଆହୁରି, ଏହି ଲୋତକର ଉପତ୍ୟାକାରେ ସେ ଯାହା ବି ମନ୍ଦ ପ୍ରେରଣ କରନ୍ତି, ସେସବୁ ମୋହର ମଙ୍ଗଳରେ ପରିବର୍ତ୍ତନ କରିବାକୁ ପଠାନ୍ତି (ଗୀତ ୫୫:୨୨; ମାଥିଉ ୬:୨୬), କାରଣ ସେ ଏହା କରିବା ପାଇଁ ସକ୍ଷମ ଅଟନ୍ତି ଏବଂ ସେ ସର୍ବଶକ୍ତିମାନ ଈଶ୍ୱର ଅଟନ୍ତି (ରୋମୀୟ ୮:୨୮; ରୋମୀୟ ୪:୨୧) ଏବଂ ସେ ଇଚ୍ଛା କରନ୍ତି, ପୁଣି, ଜଣେ ବିଶ୍ୱସ୍ତ ପିତା ଅଟନ୍ତି । (ରୋମୀୟ ୧୦:୧୨; ମାଥିଉ ୬:୨୬; ମାଥିଉ ୭:୯-୧୧)

## ପ୍ରଭୁଙ୍କ ଦିନ ୧୦

### ପ୍ରଶ୍ନ ୨୭. ଆମ୍ଭେମାନେ ଈଶ୍ୱରଙ୍କର ସୁବ୍ୟବସ୍ଥା କହିଲେ କଅଣ ବୁଝୁ ?

କ. ସର୍ବଶକ୍ତିମାନ ଏବଂ ଈଶ୍ୱରଙ୍କର ସବୁସ୍ଥାନରେ ବିଦ୍ୟମାନ ଶକ୍ତି, (ପ୍ରେରିତ ୧୭:୨୫-୨୮) ଯେଉଁଠାରେ, ସେ ନିଜର ହସ୍ତ ଦ୍ୱାରା, ସ୍ୱର୍ଗ, ପୃଥିବୀ ଏବଂ ସମସ୍ତ ସୃଷ୍ଟିକୁ ଧାରଣ ଏବଂ କର୍ତ୍ତୃତ୍ୱ କରନ୍ତି, (ଏବ୍ରି ୧:୩) ଯେପରିକି ଗଛଲତା ଏବଂ ତୃଣ, ବର୍ଷା ଏବଂ ମରୁଡ଼ି, (ଯିରିମିୟ ୫:୨୪) ଫଳବାନ ଏବଂ କିଛି ଉତ୍ପନ ନ ହେବାର ବର୍ଷଗୁଡ଼ିକରେ, ମାଂସ ଏବଂ ପାନୀୟ, (ପ୍ରେରିତ ୧୪:୧୭) ସ୍ୱାସ୍ଥ୍ୟ ଏବଂ ରୋଗ, (ଯୋହନ ୯:୩) ଧନ ଏବଂ ଦରିଦ୍ରତା, (ହିତୋ ୨୨:୨; ଆୟୁବ ୧:୨୧) ବର୍ତ୍ତମାନ ଯାହା ଅଛି ଏବଂ ଯାହା ଆଗାମୀ ଦିନଗୁଡ଼ିକରେ ଥିବ, ଯେଉଁସବୁ ବିଷୟ ଆସିବ, ସେ ସବୁ ଅକସ୍ମାତ୍ ଘଟିବ ନାହିଁ କିନ୍ତୁ ତାହାଙ୍କର ପିତୃତ୍ୱ ହସ୍ତ ଦ୍ୱାରା ହୋଇଅଛି । (ମାଥିଉ ୧୦:୨୯; ମାଥିଉ ୧୦:୩୦; ଏଫିସୀୟ ୧:୧୧)

### ପ୍ରଶ୍ନ ୨୮. ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଛନ୍ତି ଏବଂ ତାହାଙ୍କର ସୁବ୍ୟବସ୍ଥାରେ ସମସ୍ତ ବିଷୟ ଏପର୍ଯ୍ୟନ୍ତ ଧାରଣ କରିଛନ୍ତି ଏହି ବିଷୟ ଜାଣିଲେ ଆମ୍ଭମାନଙ୍କର କି ଉପକାର ହେବ ?

କ. ଏହାଦ୍ୱାରା ଆମ୍ଭେମାନେ ପ୍ରତିକୂଳ ଅବସ୍ଥାରେ ଧୈର୍ଯ୍ୟ ଧରିପାରିବା, (ରୋମୀୟ ୫:୩; ଗୀତ ୩୯:୧୦) ପ୍ରଚୁରତାରେ ଧନ୍ୟବାଦ ଦେଇପାରିବା, (୨ବିବରଣୀ ୮:୧୦; ୧ଥେସଲନିକୀୟ ୫:୧୮) ଏବଂ ଯେଉଁ ସମସ୍ତ ବିଷୟ ଏହାପରେ ଆମ୍ଭମାନଙ୍କ ପ୍ରତି ଆସିପାରେ ସେଥିରେ, ଆମ୍ଭେମାନେ ଆମ୍ଭମାନଙ୍କର ବିଶ୍ୱସ୍ତ ଈଶ୍ୱର ଓ ପିତାଙ୍କ ନିକଟରେ ଦୃଢ଼ ଭରସା ସ୍ଥାପନ କରିପାରିବା, (ରୋମୀୟ ୫:୩-୬) ଯେପରି କୌଣସି ବିଷୟ ଆମ୍ଭମାନଙ୍କୁ ତାହାଙ୍କଠାରୁ ପୃଥକ୍ କରିବ ନାହିଁ, (ରୋମୀୟ ୮:୩୮,୩୯) କାରଣ ସମସ୍ତ ସୃଷ୍ଟି ତାହାଙ୍କ ହସ୍ତରେ, ଯେପରିକି ତାହାଙ୍କର ଇଚ୍ଛା ବିନା ସେହି ସମସ୍ତ ବିଷୟ ଘୁରିପାରିବ ନାହିଁ । (ଆୟୁବ ୧:୧୨; ଆୟୁବ ୨:୬; ମାଥିଉ ୮:୩୧; ଯିଶାଇୟ ୧୦:୧୫)

## ଈଶ୍ୱରଙ୍କ ପୁତ୍ର

## ପ୍ରଭୁଙ୍କ ଦିନ ୧୧

### ପ୍ରଶ୍ନ ୨୯. ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କୁ କାହିଁକି ଉଦ୍ଧାରକର୍ତ୍ତା ବୋଲି କୁହାଯାଏ ?

କ. କାରଣ ସେ ଆମ୍ଭମାନଙ୍କୁ ଉଦ୍ଧାର କରନ୍ତି ଏବଂ ଆମ୍ଭମାନଙ୍କୁ ପାପରୁ ରକ୍ଷା କରନ୍ତି, (ମାଥିଉ ୧:୨୧) ପୁଣି ସେହିପରି ଭାବରେ

ଆମ୍ଭେମାନେ ଅନ୍ୟ କୌଣସି ସ୍ଥାନରେ ପରିତ୍ରାଣ ଅନ୍ୱେଷଣ କରି ନ ଥାଉ କିମ୍ୱା ପ୍ରାପ୍ତ ହୋଇ ନ ଥାଉ । (ପ୍ରେରିତ ୪:୧୨)

**ପ୍ରଶ୍ନ ୩୦. ତେବେ, ଯେଉଁମାନେ ସେମାନଙ୍କର ପରିତ୍ରାଣ ଏବଂ ସାଧୁମାନଙ୍କର ମଙ୍ଗଳ ଅନ୍ୱେଷଣ କରନ୍ତି, ସେମାନେ ନିଜେ ଯୀଶୁ ଖ୍ରୀଷ୍ଟଙ୍କୁ କେବଳ ଏକମାତ୍ର ଉଦ୍ଧାରକର୍ତ୍ତା ଭାବରେ ବିଶ୍ୱାସ କରନ୍ତି ନା ଅନ୍ୟ କାହାଠାରେ ବିଶ୍ୱାସ କରନ୍ତି ?**

କ. ସେମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ନାହିଁ, କାରଣ, ଯଦ୍ୟପି ସେମାନେ କଥାରେ ତାହାଙ୍କଠାରେ ଦର୍ପ କରନ୍ତି, ତଥାପି, ସେମାନଙ୍କ କର୍ମରେ ଯୀଶୁଙ୍କୁ ଅଗ୍ରାହ୍ୟ କରନ୍ତି, ଯିଏ ଏକମାତ୍ର ପରିତ୍ରାଣକର୍ତ୍ତା ଏବଂ ଉଦ୍ଧାରକର୍ତ୍ତା ଅଟନ୍ତି, (୧କରନ୍ଥିୟ ୧:୧୩; ୧କରନ୍ଥିୟ ୧:୩୧; ଗାଲାତୀୟ ୫:୪) କାରଣ ଏହି ଦୁଇଟି ମଧ୍ୟରୁ ଗୋଟିଏ ଅବଶ୍ୟ ସତ୍ୟ ଯେ, ଯୀଶୁ ସମ୍ପୂର୍ଣ୍ଣ ଉଦ୍ଧାରକର୍ତ୍ତା ନୁହନ୍ତି କିମ୍ୱା ଯେଉଁମାନେ ପ୍ରକୃତ ବିଶ୍ୱାସ ଦ୍ୱାରା ଏହି ଉଦ୍ଧାରକର୍ତ୍ତାଙ୍କୁ ପ୍ରାପ୍ତ ହୁଅନ୍ତି ଯାହାଙ୍କ ଦ୍ୱାରା ସେମାନେ ସେମାନଙ୍କର ପରିତ୍ରାଣ ନିମନ୍ତେ ଆବଶ୍ୟକ ସମସ୍ତ ବିଷୟ ତାହାଙ୍କଠାରେ ପ୍ରାପ୍ତ କରିବେ । (କଲସୀୟ ୨:୨୦; ଯିଶାଇୟ ୯:୬,୭; କଲସୀୟ ୧:୧୯,୨୦)

**ପ୍ରଭୁଙ୍କ ଦିନ ୧୨**

**ପ୍ରଶ୍ନ ୩୧. ତାହାଙ୍କୁ କାହିଁକି ଖ୍ରୀଷ୍ଟ ବୋଲି କୁହାଯାଏ, ଯାହାର ଅର୍ଥ ଅଭିଷିକ୍ତ ?**

କ. କାରଣ ସେ ହେଉଛନ୍ତି ପିତା ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ, (ଏବ୍ରି ୧:୯) ଆମ୍ଭମାନଙ୍କର ମୁଖ୍ୟ ଭବିଷ୍ୟତବକ୍ତା ଏବଂ ଶିକ୍ଷକ ହେବା ନିମନ୍ତେ, (୨ବିବରଣୀ ୧୮:୧୮; ପ୍ରେରିତ ୩:୨୨; ଯୋହନ ୧:୧୮; ଯୋହନ ୧୫:୧୫; ମାଥିଉ ୧୧:୨୭) ଆଉ, ଯିଏ ଆମ୍ଭମାନଙ୍କର ମୁକ୍ତି ନିମନ୍ତେ ଈଶ୍ୱରଙ୍କର ଗୁପ୍ତ ମନ୍ତ୍ରଣା ଓ ଜ୍ଞାନ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରିଛନ୍ତି, ପୁଣି ଆମ୍ଭମାନଙ୍କର ଏକମାତ୍ର ମହାଯାଜକ ହେବା ନିମନ୍ତେ, (ଗୀତ ୧୧୦:୪; ଏବ୍ରି ୭:୨୧; ଏବ୍ରି ୧୦:୧୪) ଯିଏ ନିଜ ଶରୀରର ଏକ ବଳିରେ ଆମ୍ଭମାନଙ୍କୁ ଉଦ୍ଧାର କରିଛନ୍ତି ଏବଂ ଆମ୍ଭମାନଙ୍କ ନିମନ୍ତେ ସଦାବେଳେ ପିତା ଈଶ୍ୱରଙ୍କଠାରେ ନିବେଦନ କରନ୍ତି, (ରୋମୀୟ ୮:୩୪) ପୁଣି ଆମ୍ଭମାନଙ୍କର ଅନନ୍ତକାଳୀନ ରାଜା ହେବାକୁ, (ଗୀତ ୨:୬; ଲୂକ ୧:୩୩) ଯିଏ ନିଜର ବାକ୍ୟ ଏବଂ ଆତ୍ମାରେ ଆମ୍ଭମାନଙ୍କୁ କର୍ତ୍ତୃତ୍ୱ କରନ୍ତି ପୁଣି ଯିଏ ଆମ୍ଭମାନଙ୍କୁ ରକ୍ଷା କରନ୍ତି ଏବଂ ସୁରକ୍ଷା ପ୍ରଦାନ କରନ୍ତି (ମାଥିଉ ୨୮:୧୮; ଯୋହନ ୧୦:୨୮) ସେହି ପରିତ୍ରାଣକୁ (ଉପଭୋଗ କରିବାରେ) ଆମ୍ଭମାନଙ୍କ ନିମନ୍ତେ କ୍ରୟ କରିଛନ୍ତି ।

**ପ୍ରଶ୍ନ ୩୨. କିନ୍ତୁ ଆମ୍ଭମାନଙ୍କୁ କାହିଁକି ଖ୍ରୀଷ୍ଟିୟାନ ବୋଲି କୁହାଯାଏ ?**

କ. କାରଣ ମୁଁ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କ ଶରୀରର ସଭ୍ୟ ଅଟେ (୧କରନ୍ଥିୟ ୬:୧୫) ଏବଂ ସେହିପରି ମୁଁ ତାହାଙ୍କର ଅଭିଷେକର ଅଂଶୀ ଅଟେ (୧ଯୋହନ ୨:୨୭; ଯୋୟେଲ ୨:୨୮) ଯେପରି ମୁଁ ତାହାଙ୍କର ନାମ ସ୍ୱୀକାର କରିବି (ମାଥିଉ ୧୦:୩୨) ଏବଂ ତାହାଙ୍କଠାରେ ଧନ୍ୟବାଦ ସ୍ୱରୂପେ ନିଜକୁ ଜୀବନ୍ତ ବଳିରୂପେ ଉପସ୍ଥାପନ କରିବି (ରୋମୀୟ ୧୨:୧) ପୁଣି ଏକ ମୁକ୍ତ ଏବଂ ସ୍ୱାଧିନ ଉ□ମ ବିବେକରେ ପାପ ଓ ଶୟତାନ ବିରୁଦ୍ଧରେ ଯୁଦ୍ଧ କରିପାରେ, (ଏଫିସୀୟ ୬:୧୧,୧୨; ୧ତିମଥି ୧:୧୮,୧୯) ଆଉ ଏହାପରେ ସମସ୍ତ ସୃଷ୍ଟି ଉପରେ ତାହାଙ୍କ ସହିତ ଅନନ୍ତକାଳ ଶାସନ କରିବି । (୨ତିମଥି ୨:୧୨)

## ପ୍ରଭୁଙ୍କ ଦିନ ୧୩

**ପ୍ରଶ୍ନ ୩୩. ଖ୍ରୀଷ୍ଟଙ୍କୁ କାହିଁକି ଈଶ୍ୱରଙ୍କ ଏକମାତ୍ର ପୁତ୍ର ବୋଲି କୁହାଯାଏ, ଯଦ୍ୟପି ଆମ୍ଭେମାନେ ମଧ୍ୟ ଈଶ୍ୱରଙ୍କ ସନ୍ତାନସନ୍ତତି ଅଟୁ ?**

କ. ଏହାର କାରଣ ହେଉଛି କେବଳ ଖ୍ରୀଷ୍ଟ ହେଉଛନ୍ତି ଅନନ୍ତ ଏବଂ ଈଶ୍ୱରଙ୍କର ସ୍ୱାଭାବିକ ସନ୍ତାନ, (ଯୋହନ ୧:୧; ଏବ୍ରି ୧:୨)

କିନ୍ତୁ ଆମ୍ଭେମାନେ ଅନୁଗ୍ରହରେ ତାହାଙ୍କ ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପୌଷ୍ୟପୁତ୍ର ଭାବରେ ଗ୍ରହଣ କରାଯାଇଅଛୁ । (ରୋମୀୟ ୮:୧୫-୧୭; ଏଫିସୀୟ ୧:୫,୬)

**ପ୍ରଶ୍ନ ୩୪. ଆମ୍ଭେମାନେ ତାହାଙ୍କୁ କାହିଁକି ଆମ୍ଭମାନଙ୍କର ପ୍ରଭୁ ବୋଲି କହିଥାଉ ?**

କ. କାରଣ ସେ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ସମସ୍ତ ପାପରୁ ଉଭୟ ପ୍ରାଣ ଏବଂ ଶରୀରରେ ଉଦ୍ଧାର କରିଛନ୍ତି, କିନ୍ତୁ ସୁନା କିମ୍ବା ରୂପାରେ ନୁହେଁ କିନ୍ତୁ ନିଜର ବହୁମୂଲ୍ୟ ରକ୍ତରେ(୧ପିତର ୧:୧୮,୧୯; ୧କରନ୍ଥିୟ ୬:୨୦) ଏବଂ ଶୟତାନର ସମସ୍ତ ଶକ୍ତିରୁ ଆମ୍ଭମାନଙ୍କୁ ଉଦ୍ଧାର କରିଛନ୍ତି ପୁଣି ସେ ଆମ୍ଭମାନଙ୍କୁ ନିଜସ୍ୱ ଧନ କରିଅଛନ୍ତି ।

## ପ୍ରଭୁଙ୍କ ଦିନ ୧୪

**ପ୍ରଶ୍ନ ୩୫. ଏହି ଶବ୍ଦଗୁଡ଼ିକର ଅର୍ଥ କଅଣ ଅଟେ – ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭସ୍ଥ ହେଲେ ଏବଂ କୁମାରୀ ମରିୟମଙ୍କଠାରୁ ଜନ୍ମ ହେଲେ ?**

କ. ଏହାର ଅର୍ଥ ଏହା ଅଟେ ଯେ, ଈଶ୍ୱରଙ୍କ ଅନନ୍ତକାଳୀନ ପୁତ୍ର, ଯିଏ ସତ୍ୟ ଅଟନ୍ତି ଏବଂ ସତ୍ୟ ହୋଇ ରହିବେ ଏବଂ ଅନନ୍ତ ଈଶ୍ୱର ହେବେ, (ଯୋହନ ୧:୧; କଲସୀୟ ୧:୧୫; ଗୀତ ୨:୭; ରୋମୀୟ ୯:୫; ୧ଯୋହନ ୫:୨୦) ସେ କୁମାରୀ ମରିୟମଙ୍କର ମାଂସ ଏବଂ ରକ୍ତରୁ, (ଯୋହନ ୧:୧୪; ଗାଲାତୀୟ ୪:୪) ମନୁଷ୍ୟର ସ୍ୱଭାବ ଧାରଣ କଲେ, ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଦ୍ୱାରା (ମାଥିଉ ୧:୧୮; ଲୂକ ୧:୩୫) ଯେପରି ସେ ଦାଉଦଙ୍କର ପ୍ରକୃତ ବଂଶଧର ହୋଇପାରିବେ (ଗୀତ ୧୩୨:୨; ପ୍ରେରିତ ୨:୩୦; ରୋମୀୟ ୧:୩), ସମସ୍ତ ବିଷୟରେ ତାହାଙ୍କ ଭାଇମାନଙ୍କ ପରି, ପାପ ବିନା । (ଫିଲିପୀୟ ୨:୭; ଏବ୍ରି ୪:୧୫)

**ପ୍ରଶ୍ନ ୩୬. ଖ୍ରୀଷ୍ଟଙ୍କ ପବିତ୍ର ଗର୍ଭଧାରଣ ଏବଂ ଜନ୍ମରେ ଆମ୍ଭେମାନେ କେଉଁ ଉପକାର ପ୍ରାପ୍ତ ହେଉ ?**

କ. ସେ ହେଉଛନ୍ତି ଆମ୍ଭମାନଙ୍କର ମଧ୍ୟସ୍ଥି (ଏବ୍ରି ୨:୧୬,୧୭) ଏବଂ ତାହାଙ୍କର ନିଷ୍ପାପ ଏବଂ ସିଦ୍ଧ ପବିତ୍ରତାରେ ଈଶ୍ୱରଙ୍କ ଦୃଷ୍ଟିରେ ମୋହର ପାପକୁ ଆଚ୍ଛାଦନ କରନ୍ତି (ଗୀତ ୩୨:୧; ୧କରନ୍ଥିୟ ୧:୩୦; ରୋମୀୟ ୮:୩୪) ଯେଉଁ ପାପରେ ମୁଁ ଗର୍ଭସ୍ଥ ଏବଂ ଜନ୍ମ ହେଲି ।

## ପ୍ରଭୁଙ୍କ ଦିନ ୧୫

**ପ୍ରଶ୍ନ ୩୭. ସେ ଦୁଃଖଭୋଗ କଲେ, ତୁମ୍ଭେମାନେ ଏହାର ଅର୍ଥ କଅଣ ବୁଝ ?**

କ. ଏହାର ଅର୍ଥ ଏହା ଅଟେ ଯେ, ସେ ଏ ପୃଥିବୀରେ ବାସ କରିବାର ସବୁ ସମୟରେ, କିନ୍ତୁ ବିଶେଷକରି ତାହାଙ୍କର ପାର୍ଥିବ ଜୀବନର ଶେଷରେ, ସମସ୍ତ ମାନବ ଜାତିର ପାପ ବିରୁଦ୍ଧରେ ଈଶ୍ୱରଙ୍କର ଯେଉଁ କ୍ରୋଧ ପ୍ରଜ୍ୱଳିତ ହେଉଥିଲା, ତାହାକୁ ନିଜ ଶରୀରରେ ଏବଂ ପ୍ରାଣରେ ଭୋଗକଲେ (୧ପିତର ୨:୨୪; ଯିଶାଇୟ ୫୩:୧୨) ଯେପରି ସେ ତାଙ୍କର ପ୍ରେମରେ, ଏକମାତ୍ର ପ୍ରତିବଦଳ ବଳି ସ୍ୱରୂପେ (୧ଯୋହନ ୨:୨; ରୋମୀୟ ୩:୨୫), ସେ ଆମ୍ଭମାନଙ୍କର ଶରୀର ଏବଂ ପ୍ରାଣକୁ ଅନନ୍ତକାଳ ବିନାଶ ହେବାଠାରୁ ଉଦ୍ଧାର କରିପାରନ୍ତି ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କର ଅନୁଗ୍ରହ, ଧାର୍ମିକତା ଏବଂ ଅନନ୍ତ ଜୀବନ ଲାଭ କରିପାରନ୍ତି ।

**ପ୍ରଶ୍ନ ୩୮. ସେ କାହିଁକି ବିଚାରକର୍ତ୍ତା ପନ୍ତିଅ ପିଲାତଙ୍କ ଅଧୀନରେ ଦୁଃଖଭୋଗ କଲେ ?**

କ. ଏହା ଏଥିପାଇଁ ହେଲା, ଯଦିଓ ସେ ପାପ କରି ନ ଥିଲେ, ତଥାପି ଜଣେ ଅସ୍ଥାୟୀ ବିଚାରକର୍ତ୍ତାଙ୍କ ଦ୍ୱାରା ଦୋଷି କରାଗଲେ, (ଲୂକ

୨୩:୧୪; ଯୋହନ ୧୯:୪; ଗୀତ ୬୯:୪) ଯାହାଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କର ଯେଉଁ ଦଣ୍ଡ ଭୋଗ କରିବା କଥା, ସେହି ଦଣ୍ଡଭୋଗରୁ ଆମ୍ଭମାନଙ୍କୁ ମୁକ୍ତ କରିପାରନ୍ତି । (ଗାଲାତୀୟ ୩:୧୩-୧୪)

**ପ୍ରଶ୍ନ ୩୯. ସେ ଅନ୍ୟ ପ୍ରକାରର ମୃତ୍ୟୁରେ ମୃତ୍ୟୁଭୋଗ ନ କରି ନିଜକୁ ଏହିପ୍ରକାର ବଳି କରିବାରେ ଆଉ କିଛି ଅଧିକ ବିଷୟ ରହିଅଛି କି ?**

କ. ହଁ (ତାହା ହେଉଛି) ଏହା ଦ୍ୱାରା ମୋତେ ନିଶ୍ଚୟତା ପ୍ରଦାନ କରାଯାଇଅଛି ଯେ ଯେଉଁ ଅଭିଶାପ ମୋ ଉପରେ ପଡ଼ିଥିଲା ତାହାକୁ ସେ ନିଜେ ବହନ କଲେ, କାରଣ ସେ କ୍ରୁଶରେ ମୃତ୍ୟୁବରଣ କରିବା ବିଷୟ ଈଶ୍ୱରଙ୍କ ଦ୍ୱାରା ସ୍ଥିରିକୃତ ହୋଇଥିଲା । (୨ବିବରଣୀ ୨୧:୨୩; ଗାଲାତୀୟ ୩:୧୩)

## ପ୍ରଭୁଙ୍କ ଦିନ ୧୬

**ପ୍ରଶ୍ନ ୪୦. ଖ୍ରୀଷ୍ଟ ନିଜକୁ ମୃତ୍ୟୁ ପର୍ଯ୍ୟନ୍ତ ନମ୍ର କରିବାର କାହିଁକି ଆବଶ୍ୟକ ଥିଲା ?**

କ. ଈଶ୍ୱରଙ୍କର ନ୍ୟାୟ ଏବଂ ସତ୍ୟକୁ ସମ୍ମାନ ଦେଇ,(ଆଦି ୨:୧୭) ଆମ୍ଭମାନଙ୍କର ପାପ ନିମନ୍ତେ ସନ୍ତୁଷ୍ଟ କରିବା ଈଶ୍ୱରଙ୍କର ପୁତ୍ରଙ୍କର ମୃତ୍ୟୁ ବିନା ଅନ୍ୟ କୌଣସି ଉପାୟରେ କରାଯାଇପାରି ନ ଥାଆନ୍ତା । (ଏବ୍ରି ୨:୯,୧୦; ଫିଲିପୀୟ ୨:୮)

**ପ୍ରଶ୍ନ ୪୧. ଆହୁରି ମଧ୍ୟ ତାହାଙ୍କୁ କାହିଁକି ସମାଧି ଦିଆଗଲା ?**

କ. ସେ ପ୍ରକୃତରେ ମୃତ୍ୟୁବରଣ କଲେ ତାହା ପ୍ରମାଣ କରିବା ନିମନ୍ତେ । (ପ୍ରେରିତ ୧୩:୨୯; ମାର୍କ ୧୫:୪୩; ମାର୍କ ୧୫:୪୬)

**ପ୍ରଶ୍ନ ୪୨. ଖ୍ରୀଷ୍ଟ ତ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁବରଣ କଲେ, ତେବେ ଆମ୍ଭମାନଙ୍କୁ ଅବଶ୍ୟ କାହିଁକି ମୃତ୍ୟୁବରଣ କରିବାକୁ ହେବ ?**

କ. ଆମ୍ଭମାନଙ୍କ ମୃତ୍ୟୁ ଆମ୍ଭମାନଙ୍କ ପାପର ଦଣ୍ଡକୁ ସନ୍ତୁଷ୍ଟ କରିବା ନିମନ୍ତେ ନୁହେଁ, କିନ୍ତୁ କେବଳ ପାପକୁ ବିନାଶ କରିବା ନିମନ୍ତେ ଏବଂ ଅନନ୍ତ ଜୀବନକୁ ଯିବା ନିମନ୍ତେ ଏକ ଦ୍ୱାର ଅଟେ । (ଯୋହନ ୫:୨୪; ଫିଲିପୀୟ ୧:୨୩)

**ପ୍ରଶ୍ନ ୪୩. ଖ୍ରୀଷ୍ଟ କ୍ରୁଶରେ ନିଜକୁ ବଳିଦାନ ଏବଂ ମୃତ୍ୟୁବରଣ କରିବା ଦ୍ୱାରା ଆମ୍ଭେମାନେ ପରବର୍ତ୍ତୀ କେଉଁସବୁ ଉପକାର ପ୍ରାପ୍ତ ହୋଇଥାଉ ?**

କ. ଏହାଦ୍ୱାରା ଆମ୍ଭମାନଙ୍କର ପୁରାତନ ପୁରୁଷ କ୍ରୁଶାର୍ପିତ ହୋଇଥାଆନ୍ତି, ମୃତ୍ୟୁବରଣ କରିଥାଆନ୍ତି ଏବଂ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଥାଆନ୍ତି, (ରୋମୀୟ ୬:୬,୭ ଏଫ୍ ଏଫ୍) ଯେପରି ମାଂସରେ ଥିବା ପାପପୂର୍ଣ୍ଣ ଭ୍ରଷ୍ଟାଚାର ଆମ୍ଭମାନଙ୍କୁ ଆଉ ରାଜତ୍ୱ କରିବ ନାହିଁ (ରୋମୀୟ ୬:୧୨) କିନ୍ତୁ ଆମ୍ଭେମାନେ ଆମ୍ଭମାନଙ୍କୁ ତାହାଙ୍କଠାରେ ଧନ୍ୟବାଦର ବଳିଦାନ ସ୍ୱରୂପେ ନିଜକୁ ଉତ୍ସର୍ଗ କରିପାରିବା । (ରୋମୀୟ ୧୨:୧)

**ପ୍ରଶ୍ନ ୪୪. ଆହୁରି କାହିଁକି କୁହାଯାଇଛି ଯେ, ସେ ପାପତାଳକୁ ଅବତରଣ କଲେ ?**

କ. ମୁଁ ମୋହର ମହା ପ୍ରଲୋଭନରେ, ନିଶ୍ଚିତ ହୋଇପାରେ ଏବଂ ଏଥିରେ ମୁଁ ନିଜକୁ ସମ୍ପୂର୍ଣ୍ଣରୂପେ ସାନ୍ତ୍ୱନା ପ୍ରଦାନ କରିପାରେ, ଯେ ମୋହର ପ୍ରଭୁ ଯୀଶୁଖ୍ରୀଷ୍ଟ, ନିଜର ଅପ୍ରକାଶ୍ୟ ମର୍ମବେଦନା, ଯନ୍ତ୍ରଣା, ଭୟ, ହୃଦୟପୂର୍ଣ୍ଣ ଦୁଃଖ ଯାହା ସେ ନିଜର ଦୁଃଖଭୋଗ ସମୟରେ ଗ୍ରହଣ କରିଥିଲେ, କିନ୍ତୁ ବିଶେଷକରି କ୍ରୁଶରେ, ମୋତେ ମୋହର ମର୍ମବେଦନା ଏବଂ ନରକର ଯନ୍ତ୍ରଣାଠାରୁ ଯେପରି ଉଦ୍ଧାର

କରିପାରିବେ । (ଯିଶାଇୟ ୫୩:୧୦; ମାଥିଉ ୨୭:୪୬)

## ପ୍ରଭୁଙ୍କ ଦିନ ୧୭

### ପ୍ରଶ୍ନ ୪୫. ଖ୍ରୀଷ୍ଟଙ୍କର ପୁନରୁଥାନ ଆମ୍ଭମାନଙ୍କ ନିମନ୍ତେ କି ଉପକାର ଘେନିଆସେ ?

କ. ପ୍ରଥମ ବିଷୟ ହେଲା, ତାହାଙ୍କର ପୁନରୁଥାନରେ ସେ ମୃତ୍ୟୁକୁ ଜୟକଲେ, ଯେପରି ସେ ଆମ୍ଭମାନଙ୍କୁ ସେହି ଧାର୍ମିକତାର ଅଂଶୀଦାର କରାଇ ପାରିବେ, ଯାହା ସେ ନିଜର ମୃତ୍ୟୁଦ୍ୱାରା ଆମ୍ଭମାନଙ୍କୁ କ୍ରୟକଲେ, (୧କରନ୍ଥିୟ ୧୫:୧୬) ଦ୍ୱିତୀୟରେ, ଆମ୍ଭେମାନେ ମଧ୍ୟ ତାହାଙ୍କର ଶକ୍ତିରେ ନୂତନ ଜୀବନ ନିମନ୍ତେ ପୁନରୁଥିତ ହେଉ, (ରୋମୀୟ ୬:୪; କଲସୀୟ ୩:୧) ଏବଂ ପରିଶେଷରେ ଖ୍ରୀଷ୍ଟଙ୍କର ପୁନରୁଥାନ ହେଉଛି ଆମ୍ଭମାନଙ୍କର ଆଶୀର୍ବାଦ ଯୁକ୍ତ ଏକ ଚୁକ୍ତି । (୧କରନ୍ଥିୟ ୧୫; ରୋମିୟ ୮:୧୧)

## ପ୍ରଭୁଙ୍କ ଦିନ ୧୮

### ପ୍ରଶ୍ନ ୪୬. "ସେ ସ୍ୱର୍ଗାରୋହଣ କାଲେ" ଆମ୍ଭେମାନେ ଏହି ବାକ୍ୟଗୁଡ଼ିକୁ କିପରି ବୁଝୁ ?

କ. ଏହାର ଅର୍ଥ ଏହା ଅଟେ ଯେ, ସେ ନିଜର ଶିଷ୍ୟମାନଙ୍କ ଦୃଷ୍ଟିଗୋଚରରେ, ଏହା ପୃଥିବୀରୁ ସ୍ୱର୍ଗକୁ ନିଆଗଲେ, (ପ୍ରେରିତ ୧:୯; ମାର୍କ ୧୬:୧୯) ଏବଂ ପୁଣି ସେ ଉଭୟ ଜୀବିତ ଏବଂ ମୃତମାନଙ୍କର ବିଚାର କରିବା ନିମନ୍ତେ ଯେଉଁଦିନ ଫେରିଆସିବେ ସେହିଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କ ଉପକାର ନିମନ୍ତେ ସ୍ୱର୍ଗରେ ରହୁଥିବେ । (ଏବ୍ରି ୪:୧୪; ରୋମୀୟ ୮:୩୪; ଏଫିସୀୟ ୪:୧୦)

### ପ୍ରଶ୍ନ ୪୭. ତେବେ ଖ୍ରୀଷ୍ଟ ଯେପରି ପ୍ରତିଜ୍ଞା କରିଥିଲେ ସେହିପରି ପୃଥିବୀର ଶେଷ ପର୍ଯ୍ୟନ୍ତ ଆମ୍ଭମାନଙ୍କ ସହିତ ରହିବେ ନାହିଁ କି ?

କ.ଖ୍ରୀଷ୍ଟ ହେଉଛନ୍ତି ଜଣେ ପ୍ରକୃତ ମନୁଷ୍ୟ ଏବଂ ପ୍ରକୃତ ଈଶ୍ୱର, ତାହାଙ୍କର ମାନବୀୟ ସ୍ୱଭାବ ଅନୁସାରେ ସେ ଏବେ ପୃଥିବୀରେ ନାହାନ୍ତି, (ପ୍ରେରିତ ୩:୨୧; ଯୋହନ ୩:୧୩; ଯୋହନ ୧୬:୨୮; ମାଥିଉ ୨୮:୨୦) କିନ୍ତୁ ସେ ତାହାଙ୍କ ଈଶ୍ୱରତ୍ୱ,ମହାମହିମ, ଅନୁଗ୍ରହ ଏବଂ ପବିତ୍ର ଆତ୍ମାଙ୍କ ଅନୁସାରେ ଆମ୍ଭମାନଙ୍କ ମଧ୍ୟରେ କୌଣସି ସମୟରେ ମଧ୍ୟ ଅନୁପସ୍ଥିତ ନୁହନ୍ତି ।

### ପ୍ରଶ୍ନ ୪୮. ତାହାଙ୍କ ଈଶ୍ୱରତ୍ୱ ଗୁଣରେ ମାନବୀୟ ଗୁଣ ରହୁ ନ ଥିବାରୁ, ଖ୍ରୀଷ୍ଟଙ୍କର ଏହି ଦୁଇଟି ଗୁଣ ପରସ୍ପରଠାରୁ ପୃଥକ କି ?

କ. ସେହିପରି ନୁହେଁ, କାରଣ ଈଶ୍ୱରତ୍ୱ ହେଉଛି ସୀମାହୀନ ଏବଂ ସର୍ବବ୍ୟାପି, (ପ୍ରେରିତ ୭:୪୯; ମାଥିଉ ୨୪:୩୦) ଏହା ନିଶ୍ଚିତ ଭାବରେ ଏହିପରି ହେବ ଯେ ସେ ଯେଉଁ ମନୁଷ୍ୟ ସ୍ୱଭାବ ଧାରଣ କଲେ ତାହା ସୀମାର ବାହାରେ ମଧ୍ୟ ସମ୍ଭବ, (ମାଥିଉ ୨୮:୨୦; ଯୋହନ ୧୬:୨୮; ଯୋହନ ୧୭:୧୧; ଯୋହନ ୩:୧୩) ଏବଂ ତା'ସହିତ ତାହା ମାନବର ସ୍ୱଭାବ ବାହାରେ ମଧ୍ୟରହିବା ସମ୍ଭବ, ପୁଣି ଏହା ସହିତ ଏହି ଦୁଇଟି ଗୁଣ ଏକ ହୋଇ ବ୍ୟକ୍ତିଗତ ଭାବରେ ରହିଥାଏ ।

### ପ୍ରଶ୍ନ ୪୯. ଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବାରେ ଆମ୍ଭମାନଙ୍କ ନିମନ୍ତେ କି ଉପକାର ରହିଛି ?

କ. ପ୍ରଥମ ବିଷୟ ହେଲା ସେ ସ୍ୱର୍ଗରେ ପିତା ଈଶ୍ୱରଙ୍କର ଉପସ୍ଥିତିରେ ଆମ୍ଭମାନଙ୍କ ବିଷୟରେ ନିବେଦନ କରନ୍ତି, (ଏବ୍ରି ୯:୨୪;

୧ଯୋହନ ୨:୨; ରୋମୀୟ ୮:୩୪) ଦ୍ଵିତୀୟରେ ସ୍ଵର୍ଗରେ ଆମ୍ଭମାନଙ୍କ ନିମନ୍ତେ ସ୍ଥାନ ଅଛି ଏକ ଉଚିତ ଚୁକ୍ତି ଭାବରେ ଯେ ସେ ଆମ୍ଭମାନଙ୍କର ମୁଖ୍ୟ ଭାବରେ, ସେନିଜେ ଆମ୍ଭମାନଙ୍କୁ ସେଠାରୁ ଘେନିଯିବେ, ତାହାଙ୍କର ସଦସ୍ୟ ଭାବରେ, (ଯୋହନ ୧୪:୨; ଏଫିସୀୟ ୨:୬) ତୃତୀୟରେ ସେ ଆମ୍ଭମାନଙ୍କ ନିମନ୍ତେ ତାହାଙ୍କର ଆତ୍ମାଙ୍କୁ ପ୍ରେରଣ କରନ୍ତି (ଯୋହବ ୧୪:୧୬; ୨କରନ୍ଥିୟ ୧:୨୨; ୨କରନ୍ଥିୟ ୩:୫) *ଯେପରି ଈଶ୍ଵରଙ୍କ ଦକ୍ଷିଣ ପାର୍ଶ୍ଵରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ ସେହି ଉର୍ଦ୍ଧ୍ଵସ୍ଥାନର ବିଷୟସବୁ ଅନ୍ଵେଷଣ କରୁଅଛୁ ।* (କଲସୀୟ ୩:୧; ଫିଲିପୀୟ ୩:୨୦)

## ପ୍ରଭୁଙ୍କ ଦିନ ୧୯

**ପ୍ରଶ୍ନ ୫୦. ଏପରି କାହିଁକି ଲେଖାଯାଇଛି, ପୁଣି ସେ ଈଶ୍ଵରଙ୍କର ଦକ୍ଷିଣ ପାର୍ଶ୍ଵରେ ଉପବେଶନକଲେ ?**

**କ. କାରଣ ଖ୍ରୀଷ୍ଟ ସ୍ଵର୍ଗକୁ ଆରୋହଣ କଲେ, ଯେପରି ସେ ମଣ୍ଡଳୀର ମସ୍ତକ ସ୍ଵରୂପେ ଦେଖାଯିବେ, (ଏଫିସୀୟ ୧:୨୦-୨୨; କଲସୀୟ ୧:୧୮) ଯାହାଙ୍କ ଦ୍ଵାରା ପିତା ସମସ୍ତ ବିଷୟ ରାଜତ୍ଵ କରନ୍ତି । (ମାଥିଉ ୨୮:୧୮; ଯୋହନ ୫:୨୨)**

**ପ୍ରଶ୍ନ ୫୧. ଆମ୍ଭମାନଙ୍କର ମସ୍ତକ ଯେ ଖ୍ରୀଷ୍ଟ, ତାହାଙ୍କର ଗୌରବ ଆମ୍ଭମାନଙ୍କ ନିମନ୍ତେ କି ଉପକାର ଘେନିଆସିଥାଏ ?**

କ. ପ୍ରଥମ ବିଷୟ ହେଲା ସେ ନିଜର ସଦସ୍ୟମାନଙ୍କ ଉପରେ ତାହାଙ୍କର ପବିତ୍ର ଆତ୍ମାଙ୍କ ଦ୍ଵାରା ସ୍ଵର୍ଗର ଅନୁଗ୍ରହକୁ ଢାଳନ୍ତି,(ଏଫିସୀୟ ୪:୮) ଏହାପରେ ସେ ତାହାଙ୍କର ଶକ୍ତିରେ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ସମସ୍ତ ଶତ୍ରୁମାନଙ୍କଠାରୁ ରକ୍ଷା କରନ୍ତି ଏବଂ ସୁରକ୍ଷା ପ୍ରଦାନ କରନ୍ତି । (ଗୀତ ୨:୯; ଯୋହନ ୧୦:୨୮)

**ପ୍ରଶ୍ନ ୫୨. ଖ୍ରୀଷ୍ଟ ଜୀବିତ ଏବଂ ମୃତମାନଙ୍କର ବିଚାର କରିବା ନିମନ୍ତେ ପୁଣିଥରେ ଆସିବେ ଏହି ବିଷୟ ତୁମକୁ କିପରି ସାନ୍ତ୍ଵନା ପ୍ରଦାନ କରୁଅଛି ?**

କ. ତାହା ହେଉଛି ମୋହର ସମସ୍ତ ଦୁଃଖ ଏବଂ ତାଡ଼ନାରେ ମସ୍ତକ ଉତ୍ତୋଳନ କରି ସେହି ବ୍ୟକ୍ତିଙ୍କ ପ୍ରତି ମୁଁ ଦୃଷ୍ଟିପାତ କରେ ଯିଏକି ଈଶ୍ଵରଙ୍କ ବିଚାରରେ ମୋ ନିମନ୍ତେ ନିଜକୁ ଉତ୍ସର୍ଗ କଲେ, ଏବଂ ମୋଠାରୁ ମୋହର ସମସ୍ତ ଅଭିଶାପ ଦୂର କରିଛନ୍ତି, ସ୍ଵର୍ଗରୁ ବିଚାରକର୍ତ୍ତା ଭାବରେ ଆସିବା ପାଇଁ, (ଲୁକ ୨୧:୨୮; ରୋମୀୟ ୮:୨୩,୨୪; ୧ଥେସଲନିକୀୟ ୪:୧୬) ଯିଏକି ତାହାଙ୍କର ଏବଂ ମୋହର ସମସ୍ତ ଶତ୍ରୁମାନଙ୍କୁ ଅନନ୍ତ ଦଣ୍ଡଭୋଗ କରିବାକୁ ନିକ୍ଷେପ କରିବେ, (୨ଥେସଲନିକୀୟ ୧:୬-୯; ମାଥିଉ ୨୩:୪୧) ମୋତେ ତାହାଙ୍କର ମନୋନୀତ ଲୋକ ରୂପେ ସ୍ଵର୍ଗୀୟ ଆନନ୍ଦ ଏବଂ ଗୌରବରେ, (ମାଥିଉ ୨୫:୩୪) ନିଜ ରୂପରେ ପରିବର୍ତ୍ତନ କରିବେ ।

# ପବିତ୍ର ଆତ୍ମା ଈଶ୍ଵର

## ପ୍ରଭୁଙ୍କ ଦିନ ୨୦

**ପ୍ରଶ୍ନ ୫୩. ପବିତ୍ର ଆତ୍ମାଙ୍କ ବିଷୟରେ ଆମ୍ଭେମାନେ କଅଣ ବିଶ୍ଵାସ କରୁ ?**

କ. ପ୍ରଥମ ବିଷୟ ହେଲା, ସେ ହେଉଛନ୍ତି ପିତା ଏବଂ ପୁତ୍ର ଈଶ୍ଵରଙ୍କ ସହିତ ସହ ପରମେଶ୍ଵର, (ଆଦି ୧:୨; ଯିଶାଇୟ ୪୮:୧୬; ୧କରନ୍ଥିୟ ୩:୧୬) ଦ୍ଵିତୀୟ, ତାହାଙ୍କୁ ମଧ୍ୟ ମୋ ପ୍ରତି ଦତ୍ତ ହୋଇଅଛି, (ମାଥିଉ ୨୮:୧୯; ୨କରନ୍ଥିୟ ୧:୨୨) ମୋତେ ସୃଷ୍ଟି କରିବା ନିମନ୍ତେ, ପ୍ରକୃତ ବିଶ୍ଵାସ ଦ୍ଵାରା, ଖ୍ରୀଷ୍ଟଙ୍କର ଭାଗିଦାରୀ ଏବଂ ତାହାଙ୍କ ଉପକାରଗୁଡ଼ିକର, (ଗାଲାତୀୟ ୩:୧୪; ୧ପିତର

୧:୨) ଯେପରି ସେ ମୋତେ ସାନ୍ତ୍ୱନା ଦେଇପାରିବେ, (ପ୍ରେରିତ ୯:୩୧) ଏବଂ ଚିରଦିନ ମୋସହିତ ଲାଗିରହିପାରିବେ । (ଯୋହନ ୧୪:୧୬; ୧ପିତର ୪:୧୪)

## ପ୍ରଭୁଙ୍କ ଦିନ ୨୧

### ପ୍ରଶ୍ନ ୫୪. ଖ୍ରୀଷ୍ଟଙ୍କ ପବିତ୍ର ସର୍ବଜାତୀୟ ମଣ୍ଡଳୀ ବିଷୟରେ ଆମ୍ଭେମାନେ କଅଣ ବିଶ୍ୱାସ କରୁ ?

କ. ଆମ୍ଭେମାନେ ବିଶ୍ୱାସ କରୁ ଯେ, ଈଶ୍ୱରଙ୍କ ପୁତ୍ର ନିଜେ, ଏହି ପୃଥିବୀର ଆରମ୍ଭରୁ ଶେଷଯାଏଁ, (ଯୋହନ ୧୦:୧୧; ଗୀତ ୨୬:୪) ଏକତ୍ର କରନ୍ତି, (ରୋମୀୟ ୯:୨୪; ଏଫିସୀୟ ୧:୧୦) ରକ୍ଷା ଏବଂ ସୁରକ୍ଷା କରନ୍ତି, (ଯୋହନ ୧୦:୧୬) ତାହାଙ୍କ ଆତ୍ମା ଏବଂ ବାକ୍ୟ ଦ୍ୱାରା, (ଯିଶାଇୟ ୫୯:୨୧) ସମଗ୍ର ମାନବ ଜାତି ମଧ୍ୟରୁ, (୨ବିବରଣୀ ୧୦:୧୪,୧୫) ଅନନ୍ତ ଜୀବନ ଲାଭ ନିମନ୍ତେ ମନୋନିତ କରାଯାଇଥିବା ମଣ୍ଡଳୀ, (ପ୍ରେରିତ ୧୩:୪୮) ଯାହା ପ୍ରକୃତ ବିଶ୍ୱାସରେ ସହମତି ହୁଏ ଯେ, ମୁଁ ହେଉଛି ଏହି ମଣ୍ଡଳୀର ସଭ୍ୟ ଏବଂ ଚିରକାଳ ନିମନ୍ତେ ସେହିଠାରେ ଜୀବନ୍ତ ସଭ୍ୟ ଭାବରେ ରହବି ।  (୧କରନ୍ଥିୟ ୧:୮,୯; ରୋମୀୟ ୮:୩୫ ଏଫ୍ ଏଫ୍)

### ପ୍ରଶ୍ନ ୫୫. ସାଧୁମାନଙ୍କର ସହଭାଗୀତା କହିଲେ ଆମ୍ଭେମାନେ କଅଣ ବୁଝୁ ?

କ. ପ୍ରଥମ ବିଷୟ ହେଲା ଯେତେଲୋକ ବିଶ୍ୱାସ କରନ୍ତି ସେସମସ୍ତେ, ଖ୍ରୀଷ୍ଟଙ୍କର ସଭ୍ୟ ହୋଇ, ସେମାନେ ସମସ୍ତେ ସମାନ ଅଟନ୍ତି, ତାହାଙ୍କର ଭାଗୀଦାରୀ ଅଟନ୍ତି ଏବଂ ତାହାଙ୍କର ଧନ ଏବଂ ଦାନର ଅଂଶୀ ଅଟନ୍ତି, (୧ଯୋହନ ୧:୩; ରୋମୀୟ ୮:୩୨; ୧କରନ୍ଥିୟ ୧୨:୧୩) ପୁଣି ପ୍ରତିଜଣ ଏହା ଜାଣିବା ଉଚିତ ଯେ ଏହା ହେଉଛି ସେମାନଙ୍କର କର୍ତ୍ତବ୍ୟ, ପ୍ରସ୍ତୁତତାର ଏବଂ ଆନନ୍ଦତାର ସହିତ ତାହାଙ୍କର ଦାନଗୁଡ଼ିକୁ ବ୍ୟବହାର କରିବା, ଅନ୍ୟ ସଭ୍ୟସଭ୍ୟାମାନଙ୍କର ଉପକାର ଏବଂ ପରିତ୍ରାଣ ନିମନ୍ତେ । (୧କରନ୍ଥିୟ ୧୩:୫; ଫିଲିପୀୟ ୨:୪-୬)

### ପ୍ରଶ୍ନ ୫୬. ପାପକ୍ଷମା ବିଷୟରେ ଆମ୍ଭେମାନେ କଅଣ ବିଶ୍ୱାସ କରୁ ?

କ. ଆମ୍ଭେମାନେ ବିଶ୍ୱାସ କରୁ ଯେ, ଖ୍ରୀଷ୍ଟଙ୍କ ସନ୍ତୋଷ (୧ଯୋହନ ୨:୨; ୨କରନ୍ଥିୟ ୫:୧୯; ୨କରନ୍ଥିୟ ୫:୨୧) ନିମନ୍ତେ ଈଶ୍ୱର, ମୋର ପାପ ଆଉ ସ୍ମରଣ କରିବେ ନାହିଁ, (ଯିରିମିୟ ୩୧:୩୪; ଗୀତ ୧୦୩:୩,୪; ଗୀତ ୧୦୩:୧୦; ରୋମୀୟ ୮:୧-୩) ଏପରିକି ମୋହର ଭ୍ରଷ୍ଟାଚାର ସ୍ୱଭାବ, ଯାହା ବିରୁଦ୍ଧରେ ମୁଁ ମୋର ସାରା ଜୀବନ ଦୀର୍ଘ ସମୟ ସଂଘର୍ଷ କରିଥାଏ, କିନ୍ତୁ ମୋପ୍ରତି ଅନୁଗ୍ରହ କରି ଖ୍ରୀଷ୍ଟଙ୍କର ଧାର୍ମିକତା ମୋ ଉପରେ ସ୍ଥାପନ କରିବେ, ଯେପରି ମୁଁ ଈଶ୍ୱରଙ୍କ ବିଚାର ସମ୍ମୁଖରେ କଦାପି ଦୋଷାରୋପ କରାଯିବି ନାହିଁ । (ଯୋହନ ୩:୧୮)

## ପ୍ରଭୁଙ୍କ ଦିନ ୨୨

### ପ୍ରଶ୍ନ ୫୭. ଶରୀରର ପୁନରୁଥାନ, ଏହି ବିଷୟ ଆମ୍ଭମାନଙ୍କୁ କେଉଁ ସାନ୍ତ୍ୱନା ପ୍ରଦାନ କରିଥାଏ ?

କ. ଏହି ଜୀବନ ପରେ ମୋର ଆତ୍ମା ସେହିକ୍ଷଣି କେବଳ ଏହାର ମୁଖ୍ୟ ଖ୍ରୀଷ୍ଟଙ୍କ ନିକଟକୁ ଯାଏ, (ଲୁକ ୨୩:୪୩; ଫିଲିପୀୟ ୧:୨୩) ତାସହିତ ମଧ୍ୟ ମୋହର ଏହି ଶରୀର ଖ୍ରୀଷ୍ଟଙ୍କ ଶକ୍ତିରେ ପୁନରୁଥିତ ହୋଇ ମୋର ପ୍ରାଣ ସହିତ ପୁର୍ନଃମିଳିତ ହେବ ଏବଂ ଖ୍ରୀଷ୍ଟଙ୍କର ଗୌରବମୟ ଶରୀରରେ ପରିଣତ ହେବ । (୧କରନ୍ଥିୟ ୧୫:୫୩; ଆୟୁବ ୧୯:୨୫,୨୬)

**ପ୍ରଶ୍ନ ୫୮. ଅନନ୍ତକାଳୀନ ଜୀବନ, ଏହି ବିଷୟଟି ଆମ୍ଭମାନଙ୍କୁ କେଉଁ ସାନ୍ତ୍ୱନା ପ୍ରଦାନ କରେ ?**

କ. ମୁଁ ଏବେ ମୋ ହୃଦୟରେ ଅନନ୍ତ ଆନନ୍ଦ ଅନୁଭବ କରୁଥିବାରୁ, (୨କରନ୍ଥିୟ ୫:୨,୩; ୨କରନ୍ଥିୟ ୫:୬; ରୋମୀୟ ୧୪:୧୭) ଏହି ଜୀବନ ପରେ ସିଦ୍ଧ ପରିତ୍ରାଣ ଲାଭ କରିବି, (ଗୀତ ୧୦:୧୧) *ଯାହା ଏ ପର୍ଯ୍ୟନ୍ତ କେହି ଦେଖି ନାହିଁ କିମ୍ୱା ଶୁଣି ନାହିଁ କିମ୍ୱା କୌଣସି ମନୁଷ୍ୟର ହୃଦୟରେ ଜାତ ହୋଇନାହିଁ,* (୧କରନ୍ଥିୟ ୨:୯) ଏବଂ ଏହାଦ୍ୱାରା ସେହି ଦିନଠାରୁ ଚିରକାଳ ପ୍ରଭୁଙ୍କର ପ୍ରଶଂସା କରିବି ।

## ପ୍ରଭୁଙ୍କ ଦିନ ୨୩

**ପ୍ରଶ୍ନ ୫୯. କିନ୍ତୁ ଆମ୍ଭେମାନେ ଏହି ସମସ୍ତ ବିଷୟ ବିଶ୍ୱାସ କରିବା ଦ୍ୱାରା କି ଉପକାର ପାଇଥାଉ ?**

କ. ମୁଁ ଖ୍ରୀଷ୍ଟଙ୍କଠାରେ ଓ ଈଶ୍ୱରଙ୍କ ସମ୍ମୁଖରେ ଧାର୍ମିକ ଅଟେ, ପୁଣି ଅନନ୍ତ ଜୀବନର ଅଧିକାରୀ ଅଟେ । (ରୋମୀୟ ୫:୧; ରୋମୀୟ ୧:୧୭; ଯୋହନ ୩:୩୬)

**ପ୍ରଶ୍ନ ୬୦. ଆମ୍ଭେମାନେ ଈଶ୍ୱରଙ୍କ ସମ୍ମୁଖରେ କିପରି ଧାର୍ମିକ ଅଟୁ ?**

କ. କେବଳ ଯୀଶୁଖ୍ରୀଷ୍ଟଙ୍କଠାରେ ପ୍ରକୃତ ବିଶ୍ୱାସ କରିବା ଦ୍ୱାରା, (ରୋମୀୟ ୩:୨୨ ଏଫ ଏଫ୍ ; ଗାଲାତୀୟ ୨:୧୬; ଏଫିସୀୟ ୨:୮,୯) ଯାହାଦ୍ୱାରା, ମୁଁ ଈଶ୍ୱରଙ୍କର ସମସ୍ତ ଆଜ୍ଞାକୁ ଅତିଶୟ ଲଙ୍ଘନ କରିଅଛି ଏବଂ ସେଗୁଡ଼ିକ ମଧ୍ୟରୁ କୌଣସି ବିଷୟ ପାଳନ କରି ନାହିଁ (ରୋମୀୟ ୩:୯) ଆଉ, ଏପର୍ଯ୍ୟନ୍ତ ମୁଁ ମନ୍ଦତାରେ ଯୋଡ଼ି ହୋଇଅଛି ରହିଅଛି, (ରୋମୀୟ ୭:୨୩) ଈଶ୍ୱରଙ୍କ ସହିତ ମୁଁ ନାହିଁ, ମୋଠାରେ କୌଣସି ପ୍ରକାରର ଉତ୍ତମ ଗୁଣ ନାହିଁ, (ରୋମୀୟ ୩:୨୪) ବୋଲି ମୋର ବିବେକ ମୋତେ ଦୋଷାରୋପ କଲେ ମଧ୍ୟ, କେବଳ ଅନୁଗ୍ରହ, (ତିତସ ୩:୫; ଏଫିସୀୟ ୨:୮,୯) ମଞ୍ଜୁରି, (ରୋମୀୟ ୪:୪,୫; ୨କରନ୍ଥିୟ ୫:୧୯) ଏବଂ ସେହି ସମ୍ପୂର୍ଣ୍ଣ ସନ୍ତୋଷତା, (୧ଯୋହନ ୨:୧) ଧାର୍ମିକତା ଏବଂ ଖ୍ରୀଷ୍ଟଙ୍କର ପବିତ୍ରତା, (ରୋମୀୟ ୩:୨୪,୨୫) ମୋତେ ପ୍ରଦାନ କରିଥାଏ,ଯେପରିକି ମୁଁ କେବେ ମଧ୍ୟ କଦାପି ପାପ କରି ନ ଥିଲାପରି, ହଁ, ଏପରିକି ମୁଁ ଈଶ୍ୱରଙ୍କର ସମସ୍ତ ଆଜ୍ଞା ପାଳନ କରି ତାହା ସାଧନ କରିଥିବା ପରି ଖ୍ରୀଷ୍ଟ ମୋ ନିମନ୍ତେ ତାହା ସାଧନ କଲେ, (୨କରନ୍ଥିୟ ୫:୨୧) ତେଣୁ ମୁଁ ସେହି ଉପକାରଗୁଡ଼ିକ ଏକ ବିଶ୍ୱାସର ହୃଦୟରେଯଥାସମ୍ଭବ ଯେତିକି ଗ୍ରହଣ କରିବି ସେହି ଅନୁସାରେ ଉପକାର ପାଇବି । (ରୋମୀୟ ୩:୨୮; ଯୋହନ ୩:୧୮)

**ପ୍ରଶ୍ନ ୬୧. ତୁମ୍ଭେ ବିଶ୍ୱାସ କରିବା ଦ୍ୱାରା ଧାର୍ମିକ ଅଟ, ଏହି ବିଷୟ କାହିଁକି କୁହାଯାଏ ?**

କ. ଏହାର ଅର୍ଥ ଏହା ନୁହେଁ ଯେ ମୋର ବିଶ୍ୱାସର ମୂଲ୍ୟରେ ମୁଁ ଈଶ୍ୱରଙ୍କଠାରେ ଗ୍ରହଣୀୟ ହୁଏ, (ଗୀତ ୧୬:୨; ଏଫିସୀୟ ୨:୮,୯) କିନ୍ତୁ ଖ୍ରୀଷ୍ଟଙ୍କର ଧାର୍ମିକତା, ପବିତ୍ରତା ଏବଂ ମୋର ପାପ ନିମନ୍ତେ ସନ୍ତୋଷତା ହିଁ ଈଶ୍ୱରଙ୍କ ସମ୍ମୁଖରେ ମୋର ଧାର୍ମିକତା ଅଟେ, (୧କରନ୍ଥିୟ ୧:୩୦; ୧କରନ୍ଥିୟ ୨:୨) ଏବଂ ମୁଁ ବିଶ୍ୱାସ ଛଡ଼ା ଅନ୍ୟ କୌଣସି ଉପାୟରେ ଏହାକୁ ମୋ ଜୀବନରେ ଗ୍ରହଣ କରିପାରିବି ନାହିଁ ବା ପ୍ରୟୋଗ କରିପାରିବି ନାହିଁ (୧ଯୋହନ ୫:୧୦)

## ପ୍ରଭୁଙ୍କ ଦିନ ୨୪

**ପ୍ରଶ୍ନ ୬୨. କିନ୍ତୁ ଆମ୍ଭମାନଙ୍କର ଉତ୍ତମ କାର୍ଯ୍ୟ ଆମ୍ଭମାନଙ୍କର ଧାର୍ମିକତା ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ ଆଂଶୀକ କିମ୍ୱା ସମ୍ପୂର୍ଣ୍ଣରୂପେ କାହିଁକି ଆମ୍ଭମାନଙ୍କୁ ଧାର୍ମିକ କରିପାରୁ ନାହିଁ ?**

କ. ଏହାର କାରଣ ହେଉଛି, ଈଶ୍ୱରଙ୍କ ବିଚାର ସମ୍ମୁଖରେ ଯେଉଁ ଧାର୍ମିକତାକୁ ଗ୍ରହଣ କରାଯାଇପାରେ ତାହା ସମ୍ପୂର୍ଣ୍ଣରୂପେ ସିଦ୍ଧ ହେବା ଏବଂ ସମସ୍ତ ବିଷୟରେ ଐଶ୍ୱରୀୟ ବ୍ୟବସ୍ଥା ସହିତ ଠିକ୍ ହେବା ଉଚିତ୍, (ଗାଲାତୀୟ ୩:୧୦; ୨ବିବରଣୀ ୨୭:୨୬) ପୁଣି ଏହି ପୃଥିବୀରେ ଆମ୍ଭମାନଙ୍କର ଉତ୍ତମ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଅସିଦ୍ଧ ଏବଂ ପାପରେ କଳୁଷିତ ଅଟେ । (ଯିଶାଇୟ ୬୪:୬)

**ପ୍ରଶ୍ନ ୬୩. ଆମ୍ଭମାନଙ୍କର ଉତ୍ତମ କର୍ମଗୁଡ଼ିକ ଭଲ ନୁହଁ କି, ଯାହାଦ୍ୱାରା ଈଶ୍ୱର ଆମ୍ଭମାନଙ୍କୁ ଏହି ଜୀବନ ଏବଂ ଆଗାମୀ ଜୀବନରେ ପୁରସ୍କାର ପ୍ରଦାନ କରିବେ ?**

କ. ଏହି ପୁରସ୍କାର ଉତ୍ତମ କାର୍ଯ୍ୟ ଯୋଗୁଁ ନୁହେଁ କିନ୍ତୁ ଅନୁଗ୍ରହରେ (ଲୁକ ୧୭:୧୦) ପ୍ରାପ୍ତ ହୋଇଥାଏ ।

**ପ୍ରଶ୍ନ ୬୪. କିନ୍ତୁ ଏହିପ୍ରକାରର ବିଶ୍ୱାସମତ ମନୁଷ୍ୟଙ୍କୁ ବେଖାତିର ଏବଂ ପାପପ୍ରତି ଆକର୍ଷିତ କି କରି ନ ଥାଏ କି ?**

କ. କୌଣସି ପ୍ରକାରରେ ନୁହେଁ, କାରଣ ଯେଉଁମାନେ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କଠାରେ ରୋପିତ ହୋଇଛନ୍ତି ସେମାନେ ଖ୍ରୀଷ୍ଟଙ୍କ ନିକଟକୁ ଧନ୍ୟବାଦର ଫଳ ନ ଆଣି ରହିବା ଅସମ୍ଭବ ଅଟେ । (ମାଥିଉ ୭:୧୭,୧୮; ଯୋହନ ୧୫:୫)

ଧର୍ମବିଧିଗୁଡ଼ିକ

**ପ୍ରଭୁଙ୍କ ଦିନ ୨୫**

**ପ୍ରଶ୍ନ ୬୫. ଆମ୍ଭେମାନେ କେବଳ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟଙ୍କର ଭାଗୀଦାରୀ ଏବଂ ତାହାଙ୍କର ଉପକାରର ଅଂଶୀ ହୋଇଥିବାରୁ, ଏହି ବିଶ୍ୱାସ କେଉଁଠାରୁ ଆସିଥାଏ ?**

କ. ପବିତ୍ର ଆତ୍ମାଙ୍କଠାରୁ, ଯିଏ ଆମ୍ଭମାନଙ୍କ ହୃଦୟରେ ବିଶ୍ୱାସରେ କାର୍ଯ୍ୟ କରନ୍ତି, (ଏଫିସୀୟ ୨:୮; ଏଫିସୀୟ ୬:୨୩; ଫିଲିପୀୟ ୧:୨୯) ସୁସମାଚାର ପ୍ରଚାର କରିବା ଦ୍ୱାରା, ଏବଂ ଧର୍ମବିଧି ବା ଶିକ୍ଷା ବ୍ୟବହାର କରିବା ଦ୍ୱାରା ଏହାକୁ ନିଶ୍ଚିତ କରାନ୍ତି । (ମାଥିଉ ୨୮:୧୯; ରୋମୀୟ ୪:୧୧)

**ପ୍ରଶ୍ନ ୬୬. ଧର୍ମବିଧି ବା ଶିକ୍ଷାଗୁଡ଼ିକ କଅଣ ?**

କ. ଧର୍ମବିଧି ହେଉଛି ପବିତ୍ର, ଦୃଶ୍ୟମାନ ଚିହ୍ନ ଏବଂ ମୁଦ୍ରାଙ୍କ, ଏହି ପୃଥିବୀ ନିମନ୍ତେ ଈଶ୍ୱରଙ୍କର ନିଯୁକ୍ତ, ଯେପରି ସେଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ତାହାଙ୍କୁ ଅଧିକ ଘୋଷଣା କରାଯିବ ଏବଂ ସେ ସୁସମାଚାରର ପ୍ରତିଜ୍ଞାକୁ ମୁଦ୍ରାଙ୍କିତ କରିବେ, ଯାହା ଆମ୍ଭମାନଙ୍କୁ ପାପରୁ ଉଦ୍ଧାର କରିବାକୁ ଏବଂ ବିନା ମୂଲ୍ୟରେ ଅନନ୍ତ ଜୀବନ ଦେବାକୁ ଖ୍ରୀଷ୍ଟଙ୍କର ବଳିଦାନ ଯୋଗୁଁ ସେ କ୍ରୁଶରେ ସାଧନ କରିଛନ୍ତି ତାହା ସେ ମଞ୍ଜୁର କରିଛନ୍ତି (ଆଦି୧୭:୧୧; ରୋମୀୟ ୪:୧୧; ଯାତ୍ରା ୧୨;ଲେବୀ ୬:୨୫; ପ୍ରେରିତ ୨୨:୧୬; ପ୍ରେରିତ ୨:୩୮;ମାଥିଉ ୨୬:୨୮)

**ପ୍ରଶ୍ନ ୬୭. ଏହି ଜଗତ ନିମନ୍ତେ ନିର୍ଦ୍ଧାରିତ ଏବଂ ନିଯୁକ୍ତ, ଉଭୟ ବାକ୍ୟ ଏବଂ ଧର୍ମବିଧି, ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ କ୍ରୁଶରେ ଖ୍ରୀଷ୍ଟଙ୍କର ବଳିଦାନ ଏକମାତ୍ର ଭିତ୍ତିମୂଳ,ଏହା ବିଶ୍ୱାସ କରିବାକୁ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦେଇଥାଏ କି ?**

କ. ହଁ, ବାସ୍ତବରେ, କାରଣ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସୁସମାଚାରରେ ଶିକ୍ଷାଦିଅନ୍ତି ଏବଂ ଧର୍ମବିଧି ଦ୍ୱାରା ଆମ୍ଭମାନଙ୍କୁ ନିଶ୍ଚୟତା ପ୍ରଦାନ କରନ୍ତି ଯେ ଆମ୍ଭମାନଙ୍କର ପରିତ୍ରାଣ ସମ୍ପୂର୍ଣ୍ଣରୂପେ ଖ୍ରୀଷ୍ଟଙ୍କର ଗୋଟିଏ ବଳିଦାନ ଉପରେ ନିର୍ଭର କରେ, ଯାହା ସେ ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ଉତ୍ସର୍ଗ କଲେ । (ରୋମୀୟ ୬:୩; ଗାଲାତୀୟ ୩:୨୭)

**ପ୍ରଶ୍ନ ୬୮. ନୂତନ ନିୟମରେ ଖ୍ରୀଷ୍ଟ କେତୋଟି ଧର୍ମବିଧି ବା ନିୟମଗୁଡ଼ିକୁ ସ୍ଥାପନ କରିଛନ୍ତି ?**

କ. ଦୁଇଟି, ଯଥା ପବିତ୍ର ବାପ୍ତିସ୍ମ ଏବଂ ପବିତ୍ର ପ୍ରଭୁଭୋଜ । (୧କରନ୍ଥିୟ ୧୦:୨-୪)

## ପବିତ୍ର ବାପ୍ତିସ୍ମ

## ପ୍ରଭୁଙ୍କ ଦିନ ୨୬

**ପ୍ରଶ୍ନ ୬୯. ପବିତ୍ର ବାପ୍ତିସ୍ମ ଦ୍ୱାରା ଏହା କିପରି ପ୍ରଦର୍ଶିତ ଏବଂ ନିଶ୍ଚିତ ହୁଏ ଯେ କ୍ରୁଶ ଉପରେ ଖ୍ରୀଷ୍ଟଙ୍କର ଗୋଟିଏ ବଳିଦାନ ଆମ୍ଭମାନଙ୍କ ନିମନ୍ତେ ପ୍ରକୃତରେ ଉପକାରୀ ଅଟେ ?**

କ. ଏହିପ୍ରକାରେ – ଆମ୍ଭମାନଙ୍କର ଶରୀରର ବାହ୍ୟ ଭାଗକୁ ଜଳ ଦ୍ୱାରା ଧୌତ କରିବା ବିଷୟକୁ ଖ୍ରୀଷ୍ଟ ନିଯୁକ୍ତ କରିଛନ୍ତି, (ମାଥିଉ ୨୮:୧୯; ପ୍ରେରିତ ୨:୩୮) ଏବଂ ସେଥିରେ ଏହି ପ୍ରତିଜ୍ଞା ଯୋଗ କରିଛନ୍ତି, ଯେ ମୁଁ ମୋର ପ୍ରାଣର ସମସ୍ତ ଦୂଷିତଠାରୁ ତାହାଙ୍କ ରକ୍ତ ଏବଂ ଆତ୍ମାଙ୍କ ଦ୍ୱାରା, (ମାର୍କ ୧୬:୧୬; ମାଥିଉ ୩:୧୧; ରୋମୀୟ ୬:୩) ଅର୍ଥାତ୍ ମୋର ସମସ୍ତ ପାପରୁ, (ମାର୍କ ୧:୪; ଲୂକ ୩:୩) ନିଶ୍ଚତ ଭାବରେ ଧୌତ କରାଯାଇଅଛି, ଯେପରିକି ସାଧାରଣ ଭାବରେ ଶରୀରର ମଳିନତା ଧୌତ ହୋଇଥାଏ ସେହିପରି ମୁଁ ଜଳ ଦ୍ୱାରା ବାହ୍ୟ ଭାବରେ ଧୌତ ହୋଇଥାଏ ।

**ପ୍ରଶ୍ନ ୭୦. ଖ୍ରୀଷ୍ଟଙ୍କର ରକ୍ତ ଏବଂ ଆତ୍ମାରେ ଧୌତ ହେବା କହିବାର ଅର୍ଥ କଅଣ ?**

କ. ଏହା ହେଉଛି ଖ୍ରୀଷ୍ଟଙ୍କ ରକ୍ତ ଯୋଗୁଁ, ବିନା ମୂଲ୍ୟରେ ଈଶ୍ୱରଙ୍କଠାରୁ ପାପରୁ ମୁକ୍ତି ପାଇବା ବିଷୟ, ଯାହା ସେ କ୍ରୁଶରେ ନିଜର ବଳିଦାନ ଦ୍ୱାରା ରକ୍ତ ଢାଳିଅଛନ୍ତି, (ଏବ୍ରି ୧୨:୨୪; ୧ପିତର ୧:୨) ଏବଂ ଆହୁରି ମଧ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କୁ ନୂତନୀକୃତ କରନ୍ତି, ପୁଣି ଖ୍ରୀଷ୍ଟଙ୍କର ସଦସ୍ୟ ହେବାପାଇଁ ପବିତ୍ରୀକୃତ କରିଅଛନ୍ତି, ଯାହାଦ୍ୱାରା ଆମ୍ଭେମାନେ ଅଧିକରୁ ଅଧିକ ପାପ ପ୍ରତି ମୃତ ହେବା ଏବଂ ପବିତ୍ର ଏବଂ ଅନିନ୍ଦନୀୟ ଜୀବନଯାପନ କରିପାରିବା (ଯୋହନ ୧:୩୩; ରୋମୀୟ ୬:୪; କଲସୀୟ ୨:୧୧)

**ପ୍ରଶ୍ନ ୭୧. ଖ୍ରୀଷ୍ଟ କେଉଁଠାରେ ପ୍ରତିଜ୍ଞା କରିଛନ୍ତି, ଆମ୍ଭେମାନେ ଜଳ ବାପ୍ତିସ୍ମ ଦ୍ୱାରା ଧୌତ ହେବାପରେ ସେ ଆମ୍ଭମାନଙ୍କୁ ତାହାଙ୍କର ରକ୍ତ ଏବଂ ପବିତ୍ର ଆତ୍ମାରେ ନିଶ୍ଚତ ଭାବରେ ଧୌତ କରିବେ ?**

କ. ବାପ୍ତିସ୍ମ ସ୍ଥାପନ ବିଧିରେ, ଯାହାକୁ ଏହିପ୍ରକାର ଭାବରେ ପ୍ରକାଶ କରାଯାଇଅଛି – *ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।* (ମାଥିଉ ୨୮:୧୯) *ଯିଏ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ କିନ୍ତୁ ଯିଏ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।* (ମାର୍କ ୧୬:୧୬) ଯେଉଁ ସ୍ଥାନରେ ବାପ୍ତିସ୍ମକୁ ନୂତନ ଜନ୍ମ ହେବାର ପ୍ରକ୍ଷାଳନ (ତିତସ ୩:୫) ଏବଂ ପାପରୁ ଧୋତ (ପ୍ରେରିତ ୨୨:୧୬) ବୋଲି ଧର୍ମଶାସ୍ତ୍ର କହେ ସେହି ସ୍ଥାନରେ ଏହି ପ୍ରତିଜ୍ଞାକୁ ମଧ୍ୟ ପୁନରାବୃ□ କରାଯାଇଛି ।

## ପ୍ରଭୁଙ୍କ ଦିନ ୨୭

**ପ୍ରଶ୍ନ ୭୨. ଜଳ ଦ୍ୱାରା ବାହ୍ୟ ଭାବରେ ବାପ୍ତିସ୍ମ ନେବା ଆମ୍ଭମାନଙ୍କର ପାପକୁ ଧୌତ କରିଥାଏ କି ?**

କ. ଆଦୌ ନୁହେଁ, କାରଣ କେବଳ ଯୀଶୁଖ୍ରୀଷ୍ଟଙ୍କର ରକ୍ତ ଏବଂ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ପରିଷ୍କାର କରନ୍ତି । (ମାଥିଉ ୩:୧୧; ୧ପିତର ୩:୨୧; ୧ଯୋହନ ୧:୭; ୧କରନ୍ଥିୟ ୬:୧୧)

**ପ୍ରଶ୍ନ ୭୩. ତେବେ କାହିଁକି ପବିତ୍ର ଆତ୍ମା ବାପ୍ତିସ୍ମକୁ ନୂତନ ଜନ୍ମ ହେବାର ପ୍ରକ୍ଷାଳନ ଓ ପାପ ଧୌତ କରିବା ବୋଲି କହିଥାଆନ୍ତି ?**

କ. ଈଶ୍ୱର କିଛି କାରଣ ନ ଥାଇ ଆମ୍ଭମାନଙ୍କୁ ଠକିବା ନିମନ୍ତେ ଏହିପରି କହନ୍ତି ନାହିଁ । ଯେପରି ଆମ୍ଭମାନଙ୍କ ଶରୀରର ମଳିନତା ଜଳ ଦ୍ୱାରା ଧୌତ କରାଯାଇଥାଏ, ସେହିପରି ଆମ୍ଭମାନଙ୍କର ପାପ ଖ୍ରୀଷ୍ଟଙ୍କର ରକ୍ତ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ଦୂର କରାଯାଇଥାଏ, (ପ୍ରକାଶିତ ୧:୫; ୧କରନ୍ଥିୟ ୬:୧୧) କେବଳ ଏହା ଆମ୍ଭମାନଙ୍କୁ ଶିକ୍ଷା ଦେବାକୁ ସେ ଏହା କହନ୍ତି ନାହିଁ, କିନ୍ତୁ ବିଶେଷ ଭାବରେ ଏହି ଐଶ୍ୱରୀକ ଚୁକ୍ତି ଏବଂ ଚିହ୍ନ ଦ୍ୱାରା ସେ ଆମ୍ଭମାନଙ୍କୁ ନିଶ୍ଚୟତା ପ୍ରଦାନ କରନ୍ତି ଯେ ଆମ୍ଭେମାନେ ଯେପରି ଆମ୍ଭମାନେ ନିଜକୁ ପାଣି ଦ୍ୱାରା ସମ୍ପୂର୍ଣ୍ଣରୂପେ ଧୌତ କରିଥାଉ, ସେହିପରି ଆତ୍ମିକ ଭାବରେ ଆମ୍ଭମାନଙ୍କର ପାପଠାରୁ ପରିଷ୍କାର କରାଯାଇଅଛୁ । (ମାର୍କ ୧୬:୧୬; ଗାଲାତୀୟ ୩:୨୭)

**ପ୍ରଶ୍ନ ୭୪. ଛୋଟ ଶିଶୁମାନଙ୍କୁ ମଧ୍ୟ ଡୁବନ ଦିଆଯାଇପାରିବ କି ?**

କ. ହଁ, କାରଣ ସେମାନେ ଏବଂ ବୟସ୍କ ଲୋକମାନେ, ସେମାନଙ୍କୁ ସମସ୍ତଙ୍କୁ (ଆଦି ୧୭:୭; ପ୍ରେରିତ ୨:୩୯) ଏବଂ ଈଶ୍ୱରଙ୍କ ମଣ୍ଡଳୀକୁ, (୧କରନ୍ଥିୟ ୭:୧୪; ଯୋୟେଲ ୨:୧୬; ମାଥିଉ ୧୯:୧୪) ନିୟମରେ ଅନ୍ତର୍ଭୁକ୍ତ କରାଯାଇପାରେ । କାରଣ ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ପାପରୁ ମୁକ୍ତି ପ୍ରାପ୍ତ ହେଉଥିବାରୁ ଏବଂ ବିଶ୍ୱାସୀର ଅଧିକାରୀ ପବିତ୍ର ଆତ୍ମା ସେମାନଙ୍କ ନିମନ୍ତେ ପ୍ରତିଜ୍ଞା କରିଥିବାରୁ, (ଲୂକ ୧:୧୪,୧୫; ଗୀତ ୨୨:୧୦; ପ୍ରେରିତ ୨:୩୯) କେବଳ ବୟସ୍କ ପ୍ରାପ୍ତ ନୁହନ୍ତି, ସେମାନଙ୍କୁ ସମସ୍ତଙ୍କୁ ସେମାନଙ୍କର ନିୟମର ଚିହ୍ନ ସ୍ୱରୂପେ, ଏବଂ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସେମାନଙ୍କୁ ନିଯୁକ୍ତ କରିବାକୁ ଏବଂ ଅବିଶ୍ୱାସୀ ସନ୍ତାନମାନଙ୍କଠାରୁ ଏମାନଙ୍କୁ ପୃଥକ୍ କରାଯିବା ନିମନ୍ତେ, (ପ୍ରେରିତ ୧୦:୪୭; ୧କରନ୍ଥିୟ ୧୨:୧୩; ୧କରନ୍ଥିୟ ୭:୧୪) ସେମାନଙ୍କୁ ବାପ୍ତିଜିତ ହେବାକୁ ହେବ, ଯେପରି ପୁରାତନ ଚୁକ୍ତି ବା ନିୟମରେ ସୁନ୍ନତ କରାଯାଉଥିଲା, (ଆଦି ୧୭:୧୪) ଯେଉଁ ବାପ୍ତିସ୍ମ କି ନୂତନ ନିୟମରେ ସ୍ଥାପନ କରାଯାଇଅଛି । (କଲସୀୟ ୨:୧୧,୧୩)

## ପବିତ୍ର ପ୍ରଭୁଭୋଜ

**ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ**

## ପ୍ରଭୁଙ୍କ ଦିନ ୨୮

**ପ୍ରଶ୍ନ ୭୫. ଆମ୍ଭେମାନେ କିପରି ପ୍ରଭୁଭୋଜରେ ଚେତନା ଏବଂ ନିଶ୍ଚୟତା ପ୍ରଦାନ କରିବା ଯେ ଖ୍ରୀଷ୍ଟ କ୍ରୁଶରେ ସାଧିତ ସେହି ଗୋଟିଏ ବଳିଦାନ ଏବଂ ତାହାଙ୍କର ସମସ୍ତ ଉପକାରର ଆମ୍ଭେମାନେ ଭାଗୀଦାରୀ ଅଟୁ ?**

କ. ଏହିପରି, ଖ୍ରୀଷ୍ଟ ତାହାଙ୍କୁ ସ୍ମରଣ କରିବା ନିମନ୍ତେ, ମୋତେ ଏବଂ ସମସ୍ତ ବିଶ୍ୱାସୀଙ୍କୁ ଏହି ଭଗ୍ନ ରୋଟୀ ଭୋଜନ କରିବା ନିମନ୍ତେ ଏବଂ ଏହି ପାତ୍ରରୁ ପାନ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଆଉ ସେଥିରେ ଏହି ପ୍ରତିଜ୍ଞା ଯୋଗ କରାଯାଇଅଛି, ପ୍ରଥମ, ତାହାଙ୍କର ଶରୀର ମୋ ପାଇଁ କ୍ରୁଶରେ ଉତ୍ସର୍ଗ କରାହେଲା ଏବଂ ଭଗ୍ନ ହେଲା, ଏବଂ ତାହାଙ୍କର ରକ୍ତ ମୋ ନିମନ୍ତେ ପାତିତ ହେଲା, ତେଣୁ ଯେତେବେଳେ ମୁଁ ମୋତେ ଦିଆଯାଉଥିବା ପ୍ରଭୁଙ୍କର ସେହି ରୋଟୀକୁ ମୋ ନିମନ୍ତେ ଭଗ୍ନ ହେବାର ଏବଂ ସେହି ପାତ୍ରକୁ ମୋର ନିଜ ଆଖିରେ ଦେଖେ,ଏବଂ ପରବର୍ତ୍ତୀ ସମୟରେ ସେ ମୋର ପ୍ରାଣର ବୃଦ୍ଧି ନିମନ୍ତେ ମୋତେ ଭୋଜନ କରାନ୍ତି ଏବଂ ବୃଦ୍ଧିସାଧନ କରାନ୍ତି, ତାହାଙ୍କର କ୍ରୁଶାର୍ପିତ ଶରୀରରେ ଏବଂ ପାତିତ ହୋଇଥିବା ରକ୍ତରେ, ଏବଂ ଯେତେବେଳେ ଏହା ମୁଁ ସେବକମାନଙ୍କ ହସ୍ତରୁ ଗ୍ରହଣ କରେ ସେତେବେଳେ ଏହା ମୋତେ ନିଶ୍ଚୟତା ପ୍ରଦାନ କରେ ପୁଣି ମୋ ମୁଖରେ ପ୍ରଭୁଙ୍କର ସେହି ରୋଟି ଏବଂ ପାତ୍ରକୁ

ଆସ୍ୱାଦନ କରେ, ଖ୍ରୀଷ୍ଟଙ୍କର ଶରୀର ଏବଂ ରକ୍ତର ଚିହ୍ନର ନିଶ୍ଚୟତା ଭାବରେ ସେତେବେଳେ ତାହା ମୋତେ ସେ ବିଷୟରେ ଜଣାଏ । (ମାଥିଉ ୨୬:୨୬-୨୮; ମାର୍କ ୧୪:୨୨-୨୪; ଲୂକ ୨୨:୧୯,୨୦; ୧କରନ୍ଥିୟ ୧୦:୧୬,୧୭; ୧କରନ୍ଥିୟ ୧୧:୨୩-୨୫)

**ପ୍ରଶ୍ନ ୭୬. ତେବେ କ୍ରୁଶାର୍ପିତ ଶରୀର ଭୋଜନ କରିବା ଏବଂ ଖ୍ରୀଷ୍ଟଙ୍କର ଢଳାଯାଇଥିବା ରକ୍ତ ପାନ କରିବା କଅଣ ଅଟେ ?**

କ. ଏହା କେବଳ ଖ୍ରୀଷ୍ଟଙ୍କର ସମସ୍ତ ଦୁଃଖଭୋଗ ଏବଂ ମୃତ୍ୟୁକୁ ବିଶ୍ୱାସ କରି ଗ୍ରହଣ କରିବା, ପୁଣି ପାପରୁ କ୍ଷମା ପାଇବା ଏବଂ ଅନନ୍ତ ଜୀବନ ଲାଭ କରିବା, (ଯୋହନ ୬:୩୫; ଯୋହନ ୬:୪୭,୪୮; ଯୋହନ ୬:୫୦,୫୧; ଯୋହନ ୬:୫୩,୫୪) ନୁହେଁ, କିନ୍ତୁ ତାହା ସହିତ ମଧ୍ୟ, ପବିତ୍ର ଆତ୍ମାଙ୍କ ଦ୍ୱାରା ତାହାଙ୍କ ପବିତ୍ର ଶରୀର ସହିତ ଅଧିକରୁ ଅଧିକ ଏକ ହେବା, ଯେଉଁ ପବିତ୍ର ଆତ୍ମା ଉଭୟ ଖ୍ରୀଷ୍ଟ ଏବଂ ଆମ୍ଭମାନଙ୍କଠାରେ ବାସ କରନ୍ତି, (ଯୋହନ ୬:୫୫,୫୬) ଯଦ୍ୟପି ଯୀଶୁଖ୍ରୀଷ୍ଟ ସ୍ୱର୍ଗରେ ଅଛନ୍ତି ଏବଂ ଆମ୍ଭେମାନେ ପୃଥିବୀରେ ଅଛୁ, (ପ୍ରେରିତ ୩:୨୧; ପ୍ରେରିତ ୧:୯-୧୧; ୧କରନ୍ଥିୟ ୧୧:୨୬) ଆମ୍ଭେମାନେ ତାହାଙ୍କ ମାଂସର ମାଂସ ଏବଂ ତାହାଙ୍କ ଅସ୍ଥିର ଅସ୍ଥି, (ଏଫିସୀୟ ୫:୨୯-୩୨; ୧କରନ୍ଥିୟ ୬:୧୫; ୧କରନ୍ଥିୟ ୬:୧୭; ୧କରନ୍ଥିୟ ୬:୧୯; ୧ଯୋହନ ୩:୨୪) ଅଟୁ ଓ ତାହାଙ୍କଠାରୁ ଦୂରରେ ନାହୁଁ ପୁଣି ଆମ୍ଭେମାନେ ଗୋଟିଏ ଶରୀରର ସଦସ୍ୟ ଭାବରେ ଏକ ଆତ୍ମାଙ୍କ ଦ୍ୱାରା ଏକ ପ୍ରାଣରେ ଜୀବନଯାପନ ଏବଂ କର୍ତ୍ତୃତ୍ୱ କରାଯାଉ ।

**ପ୍ରଶ୍ନ ୭୭. ଖ୍ରୀଷ୍ଟ କେଉଁଠାରେ ପ୍ରତିଜ୍ଞା କରିଛନ୍ତି ଯେ, ଯେତେବେଳେ ଆମ୍ଭେମାନେ ଏହି ଭଗ୍ନ ରୋଟି ଭୋଜନ କରିବା ଏବଂ ସେହି ପାତ୍ରରୁ ପାନ କରିବା, ସେତେବେଳେ ଖ୍ରୀଷ୍ଟ ନିଜର ଶରୀର ଏବଂ ରକ୍ତରେ ମଣ୍ଡଳୀକୁ ନିଶ୍ଚୟ ଭୋଜନ ଏବଂ ବୃଦ୍ଧି କରାଇବେ ?**

କ. ପ୍ରଭୁଭୋଜ ସ୍ଥାପନରେ, ଯାହା ଏହିପରି ପ୍ରକାଶ କରାଯାଇଅଛି (ଯୋହନ ୬:୫୬-୫୮; ଏଫିସୀୟ ୪:୧୫,୧୬) – *ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଲେ ଓ ସେ ଏହାକୁ ଭାଙ୍ଗି କହିଲେ,* (୧କରନ୍ଥିୟ ୧୧:୨୩; ମାଥିଉ ୨୬:୨୬; ମାର୍କ ୧୪:୨୨; ଲୂକ ୨୨:୧୯) *ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର ମୋତେ ସ୍ମରଣ କରିବା ନିମନ୍ତେ ଏହା କର ସେହି ସେ ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ,* (ଯାତ୍ରା ୨୪:୮; ଏବ୍ରି ୯:୨୦) *ତୁମ୍ଭେମାନେ ଯେତେଥର ଏଥିରୁ ପାନକର ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛୁ ।* (ଯାତ୍ରା ୧୩:୯; ୧କରନ୍ଥିୟ ୧୧:୨୬)

ଏହି ପ୍ରତିଜ୍ଞାକୁ ପବିତ୍ର ପ୍ରେରିତ ପାଉଲ ପୁନରାବୃତ୍ତି କରିଛନ୍ତି, ଯେତେବେଳେ ସେ କହନ୍ତି – *ଯେଉଁ ଆଶୀର୍ବାଦର ପାତ୍ରକୁ ଆମ୍ଭେମାନେ ଆର୍ଶୀବାଦ କରୁ, ତାହା କି ଖ୍ରୀଷ୍ଟଙ୍କ ରକ୍ତର ସହଭାଗୀତା ନୁହେଁ? ଯେଉଁ ରୋଟୀ ଆମ୍ଭେମାନେ ଭାଙ୍ଗୁ ତାହାକି ଖ୍ରୀଷ୍ଟଙ୍କ ଶରୀରର ସହଭାଗୀତା ନୁହେଁ? କାରଣ ରୋଟୀ ହେବାରୁ ଆମ୍ଭେମାନେ ଅନେକ ହେଲେ ହେଁ ଏକ ଶରୀର ସ୍ୱରୂପ, ଯେଣୁ ଆମ୍ଭେମାନେ ସମସ୍ତେ ସେହି ଏକ ରୋଟୀର ଅଂଶୀ ।* (୧କରନ୍ଥିୟ ୧୦:୧୬,୧୭)

## ପ୍ରଭୁଙ୍କ ଦିନ ୨୯

**ପ୍ରଶ୍ନ ୭୮. ତେବେ ସେହି ରୋଟୀ ଏବଂ ଦ୍ରାକ୍ଷାରସ କଅଣ ଖ୍ରୀଷ୍ଟଙ୍କ ଶରୀର ଏବଂ ରକ୍ତରେ ପରିଣତ ହୁଏ କି ?**

କ. ଆଦୌ ନୁହେଁ, ବାପ୍ତିସ୍ମ ନେଉଥିବା ଜଳ ଯେପ୍ରକାର ଖ୍ରୀଷ୍ଟଙ୍କର ରକ୍ତରେ ପରିଣତ ହୁଏ ନାହିଁ କିମ୍ବା ସେହି ପାଣି ନିଜେ ପାପ

ଧୋଇଦିଏ ନାହିଁ ସେହିପରି, ଏହା ହେଉଛି ଈଶ୍ୱର ଆମ୍ଭମାନଙ୍କର ପାପକୁ ଦୂର କରିବାର ଏକ ଚିହ୍ନ ଏବଂ ନିଶ୍ଚୟତା, (୧କରନ୍ଥିୟ ୧୦:୧-୪; ୧ପିତର ୩:୨୧; ଯୋହନ ୬:୩୫; ଯୋହନ ୬:୬୨.୬୩) ତେଣୁ ପ୍ରଭୁଭୋଜର ସେହି ରୋଟୀ ଖ୍ରୀଷ୍ଟଙ୍କର ସେହି ସ୍ୱୟଂ ଶରୀରରେ ପରିଣତ ହୁଏ ନାହିଁ । (୧କରନ୍ଥିୟ ୧୦:୧୬; ୧କରନ୍ଥିୟ ୧୧:୨୦) ଧର୍ମବିଧି ଏହାକୁ ଖ୍ରୀଷ୍ଟଙ୍କର ଶରୀରର ସ୍ୱଭାବ ଏବଂ ପ୍ରତିବଦଳ ସ୍ୱରୂପେ ସହମତି ପ୍ରଦାନ କରିଥାଏ, (ଆଦି ୧୭:୧୦,୧୧; ଆଦି ୧୭:୧୪; ଯାତ୍ରା ୧୨:୨୬,୨୭; ଯାତ୍ରା ୧୨:୪୮; ପ୍ରେରିତ ୭:୮; ମାଥିଉ ୨୬:୨୬; ମାର୍କ ୧୪:୨୪) ସେଥିପାଇଁ ଏହାକୁ ଯୀଶୁଖ୍ରୀଷ୍ଟଙ୍କ ଶରୀର ବୋଲି କୁହାଯାଏ

**ପ୍ରଶ୍ନ ୭୯. ତେବେ ଖ୍ରୀଷ୍ଟ କାହିଁକି ସେହି ରୋଟୀକୁ ନିଜର ଶରୀର ଏବଂ ସେହି ପାତ୍ରକୁ ନିଜର ରକ୍ତ ବୋଲି କହିଲେ କିମ୍ବା କିମ୍ବା ତାହାଙ୍କ ରକ୍ତର ନୂତନ ନିୟମ ବୋଲି କହିଲେ ଏବଂ ପାଉଲ ତାହାଙ୍କ ଶରୀର ସହଭାଗୀତା ଏବଂ ଖ୍ରୀଷ୍ଟଙ୍କ ରକ୍ତ ବୋଲି କହିଲେ ?**

କ. ଖ୍ରୀଷ୍ଟ ଏହିପରି କହନ୍ତି, ଯାହା ବଡ଼ କାରଣ ନ ଥାଇ କୁହାଯାଇ ନାହିଁ, ଅର୍ଥାତ୍, ରୋଟୀ ଏବଂ ଦ୍ରାକ୍ଷାରସ ଆମ୍ଭମାନଙ୍କର ଏହି ଅସ୍ଥାୟୀ ଜୀବନକୁ ସାହାଯ୍ୟ କରିଥାଏ, କେବଳ ତାହା ଆମ୍ଭମାନଙ୍କୁ ଶିକ୍ଷାଦେବାକୁ ନୁହେଁ, କିନ୍ତୁ ଆମ୍ଭମାନଙ୍କର ଅନନ୍ତ ଜୀବନ ନିମନ୍ତେ,ତାହାଙ୍କର କ୍ରୁଶାର୍ପିତ ଶରୀର ଏବଂ ଢଳା ଯାଇଥିବା ରକ୍ତ ଆମ୍ଭମାନଙ୍କର ପ୍ରାଣକୁ ଭୋଜନ କରାଉଥିବା ପ୍ରକୃତ ଖାଦ୍ୟ ଏବଂ ପାନୀୟ (ଯୋହନ ୬:୫୧; ଯୋହନ ୬:୫୫,୫୬) ଅଟେ, କିନ୍ତୁ ଅଧିକ ସ୍ୱତନ୍ତ୍ର ଭାବରେ ଏହି ଦୃଶ୍ୟମାନ ଚିହ୍ନ ଏବଂ ନିୟମ ଆମ୍ଭମାନଙ୍କୁ ନିଶ୍ଚୟତା ପ୍ରଦାନ କରେ ଯେ ଯେତେବେଳେ ଆମ୍ଭେମାନେ ତାହାଙ୍କର ପ୍ରକୃତ ଶରୀର ଏବଂ ରକ୍ତର ଭାଗୀଦାରୀ ହୋଇଥାଉ (ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଦ୍ୱାରା) ଯେତେବେଳେ ଆମ୍ଭେମାନେ ତାହାଙ୍କର ସ୍ମରଣର ଚିହ୍ନ ସ୍ୱରୂପେ ଆମ୍ଭମାନଙ୍କ ଶରୀରର ମୁଖରେ ଏହା ଗ୍ରହଣ କରୁ, (୧କରନ୍ଥିୟ ୧୦:୧୬,୧୭; ୧କରନ୍ଥିୟ ୧୧:୨୬-୨୮; ଏଫିସୀୟ ୫:୩୦) ଏବଂ ତାହାଙ୍କର ସମସ୍ତ ଦୁଃଖଭୋଗ ଏବଂ ବାଧ୍ୟତା ଆମ୍ଭମାନଙ୍କ ପରି ହୁଏ, ଯେପରିକି ଆମ୍ଭେମାନେ ନିଜେ ବ୍ୟକ୍ତିଗତ ଭାବରେ ଦୁଃଖଭୋଗ କରିଥିଲୁ ଏବଂ ଆମ୍ଭମାନଙ୍କର ପାପ ଯୋଗୁଁ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା କରିଥିଲୁ । (ରୋମୀୟ ୫:୯; ରୋମୀୟ ୫:୧୮,୧୯, ରୋମୀୟ ୮:୪)

## ପ୍ରଭୁଙ୍କ ଦିନ ୩୦

### ପ୍ରଶ୍ନ ୮୦. ପ୍ରଭୁଭୋଜ ଏବଂ ଯାଜକଙ୍କ ଯଜ୍ଞ ମଧ୍ୟରେ ଭିନ୍ନତା କଅଣ ?

କ. ପ୍ରଭୁଭୋଜ ଆମ୍ଭମାନଙ୍କୁ ଶିକ୍ଷାଦିଏ ଯେ ଯୀଶୁଖ୍ରୀଷ୍ଟଙ୍କର ଏକମାତ୍ର ବଳିଦାନ ଦ୍ୱାରା ଆମ୍ଭମାନଙ୍କର ସମସ୍ତ ପାପରୁ ଆମ୍ଭେମାନେ ସଂପୂର୍ଣ୍ଣ କ୍ଷମାପ୍ରାପ୍ତ ହୋଇଅଛୁ, ଯାହା ଯୀଶୁଖ୍ରୀଷ୍ଟ ନିଜେ ସମସ୍ତଙ୍କ ପାଇଁ ଥରେ କ୍ରୁଶରେ ସାଧନ କରିଛନ୍ତି, (ଏବ୍ରି ୭:୨୭; ଏବ୍ରି ୯:୧୨; ଏବ୍ରି ୯:୨୬; ମାଥିଉ ୨୬:୨୮; ଲୂକ ୨୨:୧୯,୨୦; ୨କରନ୍ଥିୟ ୫:୨୧) ଏବଂ ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କଠାରେ କଲମୀକରଣ କରାଯାଇଅଛୁ, (୧କରନ୍ଥିୟ ୬:୧୭; ୧କରନ୍ଥିୟ ୧୨:୧୩) ଯିଏକି ନିଜର ସ୍ୱଭାବ ଅନୁସାରେ ଏହି ପୃଥିବୀରେ ନାହାନ୍ତି କିନ୍ତୁ ସ୍ୱର୍ଗରେ ଈଶ୍ୱରଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି, (ଏବ୍ରି ୧:୩; ଏବ୍ରି ୮:୧) ଆଉ ସେଠାରେ ସେ ଆମ୍ଭମାନଙ୍କ ଦ୍ୱାରା ଉପାସନା ପ୍ରାପ୍ତ ହେବେ, (ଯୋହନ ୪:୨୧-୨୩; କଲସୀୟ ୩:୧; ଫିଲିପୀୟ ୩:୨୦; ଲୂକ ୨୪:୫୨; ପ୍ରେରିତ ୭:୫୫) – କିନ୍ତୁ ସେହି ଯଜ୍ଞ ଆମ୍ଭମାନଙ୍କୁ ଶିକ୍ଷାଦିଏ ଯେ ଯେତେଦିନ ଯାଏଁ ଖ୍ରୀଷ୍ଟ ଯାଜକମାନଙ୍କ ଦ୍ୱାରା ପ୍ରତିଦିନ ଖ୍ରୀଷ୍ଟଙ୍କଠାରେ ଉତ୍ସର୍ଗ କରାଯାଏ ସେତେଦିନ ଯାଏଁ ଖ୍ରୀଷ୍ଟଙ୍କର ଦୁଃଖଭୋଗ ଦ୍ୱାରା ଜୀବିତ ଏବଂ ମୃତ ଲୋକମାନଙ୍କର ପାପ କ୍ଷମା ପ୍ରାପ୍ତ ହୁଏ ନାହିଁ । ଅଧିକତଃ ଖ୍ରୀଷ୍ଟ ରୋଟୀ ଏବଂ ଦ୍ରାକ୍ଷାରସର ରୂପରେ ଶରୀର ଭାବରେ ସେଠାରେ ବିଦ୍ୟମାନ ଅଛନ୍ତି ଏବଂ ସେଥି ପାଇଁତାହାଙ୍କୁ ଉପାସନା କରାଯିବା ଉଚିତ୍, ଯଜ୍ଞଟି ଆରମ୍ଭରେ, ଜଣକର ବଳିଦାନକୁ ଏବଂ ଯୀଶୁଖ୍ରୀଷ୍ଟଙ୍କର ଦୁଃଖଭୋଗକୁ

ଅସ୍ୱୀକାର କରିବା ଅଭିଶପ୍ତ ପ୍ରତିମା ପୂଜା (ଯିଶାଇୟ ୧:୧୧; ଯିଶାଇୟ ୧:୧୪; ମାଥିଉ ୧୫:୯; କଲସୀୟ ୨:୨୨, ୨୩; ଯିରିମିୟ ୨:୧୩) ଛଡ଼ା ଆଉ କିଛି ନୁହେଁ ।

### ପ୍ରଶ୍ନ ୮୧. ପ୍ରଭୁଭୋଜ କାହା ନିମନ୍ତେ ସ୍ଥାପିତ ହୋଇଅଛି ?

କ. ଯେଉଁମାନେ ନିଜର ପାପ ନିମନ୍ତେ ଦୁଃଖ ପ୍ରକାଶ କରନ୍ତି, (ମାଥିଉ ୫:୩; ମାଥିଉ ୫:୬; ଲୂକ ୭:୩୭,୩୮; ଲୂକ ୧୫:୧୮,୧୯) ତଥାପି ଭରସା କରନ୍ତି ଯେ ଖ୍ରୀଷ୍ଟଙ୍କ ନିମନ୍ତେ ସେମାନଙ୍କର ପାପସବୁ କ୍ଷମା କରାଯିବ ଏବଂ ସେମାନଙ୍କର ଅବଶିଷ୍ଟ ଅଧର୍ମ ଯୀଶୁଖ୍ରୀଷ୍ଟଙ୍କର ବଳିଦାନ ଏବଂ ମୃତ୍ୟୁଦ୍ୱାରା ଆଚ୍ଛାଦନ କରାଯିବ, (ଗୀତ ୧୦୩:୩) ଏବଂ ଯେଉଁମାନେ ଅଧିକରୁ ଅଧିକ ଶକ୍ତି ପାଇବା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ପାପ ସ୍ୱୀକାର କରିବା ପାଇଁ ଏବଂ ସେମାନଙ୍କର ଜୀବନ ଅଧିକ ପବିତ୍ର ହେବାକୁ, (ଗୀତ ୧୧୬:୧୨-୧୪; ୧ପିତର ୨:୧୧,୧୨) ନିଷ୍ଠାର ସହିତ ଇଚ୍ଛା କରନ୍ତି, କିନ୍ତୁ କପଟୀମାନେଏବଂ ଯେଉଁ ଲୋକମାନେ ସଚ୍ଚୋଟ ଏବଂ ସେମାନଙ୍କର ହୃଦୟର ସଚ୍ଚୋଟତାରେ ଖ୍ରୀଷ୍ଟଙ୍କ ନିକଟକୁ ଫେରି ନାହାନ୍ତି, ଯଦି ସେମାନେ ଏହା ଭୋଜନ କରନ୍ତି କିମ୍ବା ପାନ କରନ୍ତି ତାହାହେଲେ ସେମାନେ ନିଜ ଉପରକୁ ଦଣ୍ଡ ଘେନି ଆସିବେ । (୧କରନ୍ଥିୟ ୧୦:୨୦; ୧କରନ୍ଥିୟ ୧୧:୨୮; ତିତସ ୧:୧୬; ଗୀତ ୫୦:୧୫,୧୬)

### ପ୍ରଶ୍ନ ୮୨. ଯେଉଁମାନେ ସ୍ୱୀକାର କରନ୍ତି ଏବଂ ସେମାନଙ୍କ ଜୀବନରେ ଘୋଷଣା କରନ୍ତି ଯେ ସେମାନେ ଅବିଶ୍ୱାସୀ ଏବଂ ଅଧାର୍ମିକ ଅଟନ୍ତି ସେମାନଙ୍କୁ ମଧ୍ୟ ଏହି ପ୍ରଭୁଭୋଜ ଦିଆଯାଇପାରିବ କି ?

କ. ଆଦୌ ନୁହେଁ, କାରଣ ଏହାଦ୍ୱାରା ଈଶ୍ୱରଙ୍କ ନିୟମ ନିଷ୍ଫଳ ହେବ ଏବଂ ତାହାଙ୍କର କ୍ରୋଧ ସମସ୍ତ ମଣ୍ଡଳୀ ବିରୁଦ୍ଧରେ ପ୍ରଜ୍ୱଳିତ ହେବ, (୧କରନ୍ଥିୟ ୧୦:୨୧; ୧କରନ୍ଥିୟ ୧୧:୩୦,୩୧ ଯିଶାଇୟ ୧:୧୧; ଯିଶାଇୟ ୧:୧୩; ଯିରିମିୟ ୭:୨୧; ଗୀତ ୫୦:୧୬; ଗୀତ ୫୦:୨୨) ସେଥିପାଇଁ ଖ୍ରୀଷ୍ଟିୟାନ ମଣ୍ଡଳୀର ଏହା କର୍ତବ୍ୟ ଅଟେ ଯେ, ଖ୍ରୀଷ୍ଟ ଏବଂ ତାହାଙ୍କ ପ୍ରେରିତମାନଙ୍କର ନିଯୁକ୍ତି ଅନୁସାରେ, ସେହିପ୍ରକାର ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ ନ କରିବାକୁ ହେବ, (ମାଥିଉ ୧୮:୧୭,୧୮) ସ୍ୱର୍ଗରାଜ୍ୟର କଂଚିଗୁଡ଼ିକ ଦ୍ୱାରା, ଯେଉଁ ପର୍ଯ୍ୟନ୍ତ ସେମାନେ ସେମାନଙ୍କ ଜୀବନରେ ସଂଶୋଧନ ଦେଖାଇ ନାହାନ୍ତି ।

## ପ୍ରଭୁଙ୍କ ଦିନ ୩୧

### ପ୍ରଶ୍ନ ୮୩. ସ୍ୱର୍ଗ ରାଜ୍ୟର କଂଚିଗୁଡ଼ିକ କଅଣ କଅଣ ? (ମାଥିଉ ୧୬:୧୯) ୧

କ. ପବିତ୍ର ସୁସମାଚାର ପ୍ରଚାର କରିବା ଏବଂ ଖ୍ରୀଷ୍ଟିୟାନ ଶୃଙ୍ଖଳା, (ଯୋହନ ୨୦:୨୩) କିମ୍ବା ଖ୍ରୀଷ୍ଟିୟାନ ମଣ୍ଡଳୀରୁ ବାହାର କରିବା, (ମାଥିଉ ୧୮:୧୫-୧୮) ଏହି ଦୁଇଟି ବିଷୟ ଦ୍ୱାରା ସ୍ୱର୍ଗରାଜ୍ୟ ବିଶ୍ୱାସୀମାନଙ୍କ ନିମନ୍ତେ ମୁକ୍ତ ହୋଇଥାଏ ଏବଂ ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ ବିରୁଦ୍ଧରେ ବନ୍ଦ କରିଥାଏ ।

### ପ୍ରଶ୍ନ ୮୪. ପବିତ୍ର ସୁସମାଚାର ପ୍ରଚାର କରିବା ଦ୍ୱାରା ସ୍ୱର୍ଗରାଜ୍ୟ କିପରି ଉନ୍ମୁକ୍ତ ହୋଇଥାଏ ଏବଂ ବନ୍ଦ ହୋଇଥାଏ ?

କ. ଏହିପରି - ଖ୍ରୀଷ୍ଟଙ୍କର ଆଜ୍ଞା ଅନୁସାରେ, (ମାଥିଉ ୨୮:୧୯) ଏହା ସର୍ବସାଧାରଣରେ ଘୋଷଣା କରେ ଏବଂ ସାକ୍ଷ୍ୟଦିଏ ପୁଣି ପ୍ରତ୍ୟେକ ବିଶ୍ୱାସୀମାନେ ଯେ, ଯେତେବେଳେ ସେମାନେ ପ୍ରକୃତ ବିଶ୍ୱାସରେ ସୁସମାଚାରର ପ୍ରତିଜ୍ଞା ଗ୍ରହଣ କରନ୍ତି, ସେମାନଙ୍କର ସମସ୍ତ ପାପ ଈଶ୍ୱରଙ୍କଠାରେ ପ୍ରକୃତରେ କ୍ଷମା ହୋଇଥାଏ, ଖ୍ରୀଷ୍ଟଙ୍କର ଉତ୍ତମ କାର୍ଯ୍ୟ ଯୋଗୁଁ, (ଯୋହନ ୩:୧୮; ଯୋହନ ୩:୩୬; ମାର୍କ ୧୬:୧୬) ଏବଂ ଅନ୍ୟ ପକ୍ଷରେ, ଯେତେବେଳେ ଅଣ-ବିଶ୍ୱାସୀମାନଙ୍କ ନିକଟରେ ଏହା ଘୋଷଣା କରାଯାଏ ଏବଂ ସାକ୍ଷ୍ୟ ଦିଆଯାଏ, ଏବଂ ସେମାନେ ପ୍ରକୃତରେ ସଚ୍ଚୋଟ ଭାବରେ ମନପରିବର୍ତ୍ତନ କରନ୍ତି ନାହିଁ ଯେ ସେମାନେ ଈଶ୍ୱରଙ୍କର କ୍ରୋଧ ପ୍ରକାଶିତ

ହେବା ନିମନ୍ତେ ଏବଂ ଅନନ୍ତ ଦଣ୍ଡ ନିମନ୍ତେ ଦଣ୍ଡାୟମାନ ହୋଇଅଛନ୍ତି, ସେପର୍ଯ୍ୟନ୍ତ ସେମାନେ ପରିବର୍ତ୍ତନ ହୋଇନାହାନ୍ତି, (୨ଥେସ୧:୭-୯; ଯୋହନ ୨୦:୨୧-୨୩; ମାଥିଉ ୧୬:୧୯; ରୋମୀୟ ୨:୨; ରୋମୀୟ ୨:୧୩-୧୭) ଯାହା ଈଶ୍ୱରଙ୍କର ସୁସମାଚାରର ସାକ୍ଷ୍ୟ ଅନୁସାରେ ଈଶ୍ୱର ସେମାନଙ୍କୁ ବିଚାର କରିବେ, ଉଭୟ ଏହି ଜୀବନରେ ଏବଂ ଆଗାମୀ ଜୀବନରେ ।

**ପ୍ରଶ୍ନ ୮୫. ଖ୍ରୀଷ୍ଟିୟାନ ଶୃଙ୍ଖଳା ଦ୍ୱାରା ସ୍ୱର୍ଗରାଜ୍ୟକୁ କିପରି ବନ୍ଦ କରାଯାଏ ଏବଂ ଉନ୍ମୁକ୍ତ କରାଯାଏ ?**

କ. ଏହିପରି – ଯେତେବେଳେ ଖ୍ରୀଷ୍ଟଙ୍କର ଆଜ୍ଞା ଅନୁସାରେ, (ମାଥିଉ ୧୮:୧୫) ଯେଉଁମାନେ ଖ୍ରୀଷ୍ଟିୟାନ ନାମରେ ବାଇବଲ ସହ ସମାନ ନ ଥିବା ବିଶ୍ୱାସମତ ପାଳନ କରନ୍ତି କିମ୍ବା କୌଣସି ଅଶୃଙ୍ଖଳିତ ବିଷୟକୁ କାର୍ଯ୍ୟକାରୀ କରନ୍ତି, (୧କରନ୍ଥିୟ ୫:୧୧,୧୨) ଏବଂ ଭାଇମାନଙ୍କର ଉପଦେଶ ସତ୍ତ୍ୱେ ସେମାନେ ନିଜର ଅଧର୍ମ ଛାଡ଼ନ୍ତି ନାହିଁ, ଏବଂ ଦୁଷ୍ଟତା ସେମାନଙ୍କର ଜୀବନର ପୁଣି ଯେଉଁମାନଙ୍କ ବିରୁଦ୍ଧରେ ମଣ୍ଡଳୀରେ ଅଭିଯୋଗ କରାଯାଇଥାଏ, (ମାଥିଉ ୧୮:୧୫-୧୮) କିମ୍ବା ଯେଉଁମାନଙ୍କୁ ମଣ୍ଡଳୀ ନିଯୁକ୍ତି କରିଥାଏ ସେମାନେ ଅଭିଯୋଗ କରିଥାଆନ୍ତି,(ରୋମୀୟ ୧୨:୭-୯; ୧କରନ୍ଥିୟ ୧୨:୨୮; ୧ତିମଥି ୫:୧୭ ୨ଥେସ ୩:୧୪) ଯଦି ସେହି ଲୋକମାନଙ୍କର ଭର୍ତ୍ସନାକୁ ସେମାନେ ତୁଚ୍ଛ କରନ୍ତି, ଏବଂ ଯେଉଁ ଧର୍ମବିଧି ବ୍ୟବହାର କରିବା ନିମନ୍ତେ ସେମାନଙ୍କୁ ନିଷେଧ କରାଯାଇଥାଏ, (ମାଥିଉ ୧୮:୧୭; ୧କରନ୍ଥିୟ ୫:୩-୫) ଯେତେବେଳେ ସେମାନଙ୍କୁ ଏହି କାରଣ ଯୋଗୁଁ ମଣ୍ଡଳୀରୁ ବହିଷ୍କାର କରାଯାଇଥାଏ ଏବଂ ସ୍ୱୟଂ ଈଶ୍ୱରଙ୍କଠାରୁ ଖ୍ରୀଷ୍ଟଙ୍କ ରାଜ୍ୟରୁ ଏବଂ ଯେତେବେଳେ ସେମାନେ ପ୍ରକୃତ ସଂଶୋଧନ ହେବାପାଇଁ ପ୍ରତିଜ୍ଞା ଏବଂ ତାହା ପ୍ରଦର୍ଶନ କରନ୍ତି, ସେମାନେ ପୁଣିଥରେ ଖ୍ରୀଷ୍ଟ ଏବଂ ତାହାଙ୍କର ମଣ୍ଡଳୀର ସଦସ୍ୟ ଭାବରେ ସେମାନଙ୍କୁ ଗ୍ରହଣ କରାଯାଇଥାଏ । (୨କରନ୍ଥିୟ ୨:୬-୮; ୨କରନ୍ଥିୟ ୨:୧୦,୧୧; ଲୂକ ୧୫:୧୮)

## ତୃତୀୟ ଭାଗ-ଧନ୍ୟବାଦପୂର୍ଣ୍ଣତା

## ପ୍ରଭୁଙ୍କ ଦିନ ୩୨

**ପ୍ରଶ୍ନ ୮୬. ଆମ୍ଭମାନଙ୍କୁ ଆମ୍ଭମାନଙ୍କର କୌଣସି ଉତ୍ତମ କାର୍ଯ୍ୟ ବିନା, ଖ୍ରୀଷ୍ଟଙ୍କ ଦ୍ୱାରା ଅନୁଗ୍ରହରେ ଆମ୍ଭମାନଙ୍କର ଦୁଃଖରୁ ଉଦ୍ଧାର କରାଯାଇଅଛି, ତେଣୁ ଆମ୍ଭମାନଙ୍କୁ କାହିଁକି ଅବଶ୍ୟ ଉତ୍ତମ କର୍ମ କରିବାକୁ ହେବ ?**

କ. ଏହାର କାରଣ ହେଉଛି ଖ୍ରୀଷ୍ଟ ଆମ୍ଭମାନଙ୍କୁ ନିଜର ରକ୍ତ ଦ୍ୱାରା ମୁକ୍ତି ଏବଂ ଉଦ୍ଧାର କରିଥିବାରୁ, ଆମ୍ଭମାନଙ୍କୁ ତାହାଙ୍କ ସାଦୃଶ୍ୟରେ ପବିତ୍ର ଆତ୍ମାଙ୍କ ଦ୍ୱାରା ନୂତନୀକୃତ କରନ୍ତି, ଯାହାଦ୍ୱାରା ଆମ୍ଭେମାନେ ତାହାଙ୍କର ଆଶୀର୍ବାଦକୁ ଆମ୍ଭମାନଙ୍କର ଆଚରଣ ଏବଂ କୃତଜ୍ଞତା ଦ୍ୱାରା ସାକ୍ଷ୍ୟ ଦେଇଥାଉ, (୧କରନ୍ଥିୟ ୬:୧୯,୨୦; ରୋମୀୟ ୬:୧୩; ରୋମୀୟ ୧୨:୧,୨; ୧ପିତର ୨:୯,୧୦) ଯେପରି ସେ ଆମ୍ଭମାନଙ୍କ ଦ୍ୱାରା ପ୍ରଶଂସା ପାଇବେ, (ମାଥିଉ ୫:୧୬; ୧ପିତର ୨:୧୨) ଆହୁରି ମଧ୍ୟ ପରବର୍ତ୍ତୀ ଫଳଗୁଡ଼ିକ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ନିଜର ବିଶ୍ୱାସରେ ନିଜେ ନିଶ୍ଚୟତା ପ୍ରକାଶ କରିବ, (୨ପିତର ୧:୧୦; ଗାଲାତୀୟ ୫:୬; ଗାଲାତୀୟ ୫:୨୪) ପୁଣି ଆମ୍ଭମାନଙ୍କର ଈଶ୍ୱର ପରାୟଣତା ପରିବର୍ତ୍ତନରେ ଅନ୍ୟମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରାଯିବେ । (୧ପିତର ୩:୧,୨; ମାଥିଉ ୫:୧୬; ରୋମୀୟ ୧୪:୧୯)

**ପ୍ରଶ୍ନ ୮୭. ଯେଉଁମାନେ ଦୁଷ୍ଟତାରେ ଜୀବନଯାପନ କରି ଚାଲନ୍ତି, କିନ୍ତୁ କୃତଜ୍ଞ ପ୍ରକାଶ ନ କରିବା କାରଣରୁ ଈଶ୍ୱରଙ୍କ ଦ୍ୱାରା ପରିବର୍ତ୍ତୀତ ହୋଇ ନ ଥାଆନ୍ତି, ସେମାନେ କଅଣ ଏବେ ଉଦ୍ଧାର ପ୍ରାପ୍ତ ହୋଇପାରିବେ ନାହିଁ ?**

କ. କୌଣସି ପ୍ରକାରର ନୁହେଁ, କାରଣ ପବିତ୍ର ଧର୍ମଶାସ୍ତ୍ର ଘୋଷଣା କରେ ଯେ ବ୍ୟଭିଚାରୀ କି ପ୍ରତିମାପୂଜକ, ପାରଦାରିକ କି ସ୍ତ୍ରୀବତ ଆଚାରୀ କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ କି ମତୁଆଳ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ ଏମାନେ ଈଶ୍ୱରଙ୍କ ରାଜ୍ୟର

ଅଧିକାରୀ ହେବେ ନାହିଁ । (୧କରନ୍ଥିୟ ୬:୯,୧୦; ଏଫିସୀୟ ୫:୫,୬; ୧ଯୋହନ ୩:୧୪,୧୫; ଗାଲାତୀୟ ୫:୨୧)

## ପ୍ରଭୁଙ୍କ ଦିନ ୩୩

**ପ୍ରଶ୍ନ ୮୮. ମନୁଷ୍ୟର ପ୍ରକୃତ ପରିବର୍ତ୍ତନ କେତୋଟି ଭାଗରେ ଗଠିତ ଅଟେ ?**

କ. ଦୁଇ ଭାଗରେ - ପୁରାତନ ଜୀବନରେ ମୃତ୍ୟୁ ଏବଂ ସେଠାରେ ନୂତନ ମନୁଷ୍ୟ ଜନ୍ମ । (ରୋମୀୟ ୬:୪-୬; ଏଫିସୀୟ ୪:୨୨,୨୩; କଲସୀୟ ୩:୫; ୧କରନ୍ଥିୟ ୫:୭)

**ପ୍ରଶ୍ନ ୮୯. ପୁରାତନ ମନୁଷ୍ୟର ମୃତ୍ୟୁ କହିଲେ କଅଣ ଅଟେ ?**

କ. ଏହା ହେଉଛି, ଆମ୍ଭେମାନେ ଆମ୍ଭମାନଙ୍କର ପାପ ଦ୍ୱାରା ଈଶ୍ୱରଙ୍କ କ୍ରୋଧକୁ ଜାଗ୍ରତ କରାଇଥିବାରୁ ହୃଦୟର ସଙ୍କୋଚତାରେ ଦୁଃଖ ପ୍ରକାଶ କରିବା ଏବଂ ସେଗୁଡ଼ିକୁ ଅଧିକରୁ ଅଧିକ ଘୃଣା କରିବା ଏବଂ ସେଗୁଡ଼ିକଠାରୁ ପଳାୟନ କରିବା । (ଗୀତ ୫୧:୩;ଗୀତ ୫୧:୮;ଗୀତ ୫୧:୧୭;ଲୂକ ୧୫:୧୮; ରୋମୀୟ ୮:୧୩; ଯୋୟେଲ ୧:୧୨,୧୩)

**ପ୍ରଶ୍ନ ୯୦. ନୂତନ ପୁରୁଷ ଜନ୍ମ ହେବା କଅଣ ଅଟେ ?**

କ. ଏହା ହେଉଛି ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କଠାରେ ହୃଦୟର ପ୍ରକୃତ ଆନନ୍ଦ, (ରୋମୀୟ ୫:୧,୨; ରୋମୀୟ୧୪:୧୭; ଯିଶାଇୟ ୫୭:୧୫) ଏବଂ ସମସ୍ତ ଉତ୍ତମ କର୍ମରେ ଈଶ୍ୱରଙ୍କ ଇଚ୍ଛା ଅନୁସାରେ ପ୍ରେମରେ ଜୀବନଯାପନ କରିବା ନିମନ୍ତେ ଆନନ୍ଦ କରିବା । (ରୋମୀୟ ୬:୧୦,୧୧; ୧ପିତର ୪:୨; ଗାଲାତୀୟ ୨:୨୦)

**ପ୍ରଶ୍ନ ୯୧. କିନ୍ତୁ ଉତ୍ତମ କର୍ମଗୁଡ଼ିକ କଅଣ କଅଣ ?**

କ. ଯେଉଁଗୁଡ଼ିକ ପ୍ରକୃତ ବିଶ୍ୱାସ ଠାରୁ ଉତ୍ପନ ହୋଇଥାଏ ସେଗୁଡ଼ିକ, (ରୋମୀୟ ୧୪:୨୩) ଯାହା ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ସାଧନ କରାଯାଇଥାଏ, (୧ଶାମୁଏଲ ୧୫:୨୨; ଏଫିସୀୟ ୨:୨; ଏଫିସୀୟ ୨:୧୦) ଏବଂ ତାହଙ୍କର ଗୌରବ ନିମନ୍ତେ, (୧କରନ୍ଥିୟ ୧୦:୩୧) ପୁଣି ଯେଉଁଗୁଡ଼ିକ ଆମ୍ଭମାନଙ୍କର କଳ୍ପନା କିମ୍ବା ମନୁଷ୍ୟମାନଙ୍କର ବିଧି ଦ୍ୱାରା ସ୍ଥାପନ କରାଯାଇ ନ ଥାଏ । (୨ବିବରଣୀ ୧୨:୩୨; ଯିହିଜିକଲ ୨୦:୧୮; ମାଥିଉ ୧୫:୯)

## ପ୍ରଭୁଙ୍କ ଦିନ ୩୪

**ପ୍ରଶ୍ନ ୯୨. ଈଶ୍ୱରଙ୍କର ବ୍ୟବସ୍ଥା କଅଣ ଅଟେ ?**

କ. ଈଶ୍ୱର ଏହି ସମସ୍ତ ବାକ୍ୟ ଯାତ୍ରା ୨୦ ଅଧ୍ୟାୟରେ, ୨ବିବରଣୀ ୫ ଅଧ୍ୟାୟରେ, ଏପରି କହନ୍ତି –

*ଯିଏ ତୁମ୍ଭମାନଙ୍କୁ ଦାସଗୃହ ରୂପ ମିସର ଦେଶରୁ ବାହାର କରି ଆଣିଅଛନ୍ତି, ତୁମ୍ଭମାନଙ୍କର ସେହି ସଦାପ୍ରଭୁ ପରମେଶ୍ୱର ଆମ୍ଭେ ଅଟୁ ।*

୧. *(ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।)*

୨. *(ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତିନିର୍ମାଣ କରିବ ନାହିଁ । ତୁମ୍ଭେମାନେ ସେମାନଙ୍କୁ ପ୍ରଣାମ କରିବ ନାହିଁ କି ସେମାନଙ୍କର ସେବା କରିବ ନାହିଁ, ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମରଶ୍ୱର ସ୍ୱଗୌରବ ରକ୍ଷଣରେ*

*ଉଦ୍‌ଯୋଗୀ ପରମେଶ୍ୱର ଅଟୁ, ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କର ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା । ମାତ୍ର ଯେଉଁମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି, ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ।)*

*୩. (ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ, ଯେହେତୁ ଯେକେହି ତାହାଙ୍କର ନାମ ମିଥ୍ୟାରେ ନିଏ, ସଦାପ୍ରଭୁ ତାହାକୁ ନିରପରାଧ ଗଣନା କରିବେ ନାହିଁ ।)*

*୪. (ବିଶ୍ରାମ ଦିନ ପବିତ୍ର ରୂପେ ପାଳନ କରିବାକୁ ସ୍ମରଣ କର । ଛଅ ଦିନ ପରିଶ୍ରମ ଓ ଆପଣାର ସବୁ କର୍ମ କରିବ, ମାତ୍ର ସପ୍ତମ ଦିନ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କର ବିଶ୍ରାମ ଦିନ ଅଟେ, ତହିଁରେ ତୁମ୍ଭେ କି ତୁମ୍ଭର ପୁତ୍ର କି ତୁମ୍ଭର କନ୍ୟା, ତୁମ୍ଭର ଦାସ କି ଦାସୀ, ତୁମ୍ଭର ପଶୁ କି ତୁମ୍ଭର ନଗର ଦ୍ୱାରାବର୍ତ୍ତୀ ବିଦେଶୀ, କେହି କୌଣସି କାର୍ଯ୍ୟ କରିବ ନାହିଁ । ଯେହେତୁ ସଦାପ୍ରଭୁ ଆକାଶମଣ୍ଡଳ ଓ ପୃଥିବୀ ଓ ସମୁଦ୍ର ଓ ତନ୍ମଧ୍ୟସ୍ଥିତ ସମସ୍ତ ବସ୍ତୁ ଛଅ ଦିନରେ ନିର୍ମାଣ କରି ସପ୍ତମ ଦିନରେ ବିଶ୍ରାମ କଲେ । ଏହେତୁ ସଦାପ୍ରଭୁ ବିଶ୍ରାମ ଦିନକୁ ଆଶୀର୍ବାଦ କରି ପବିତ୍ର କରିଅଛନ୍ତି ।)*

*୫. (ତୁମ୍ଭେ ଆପଣା ପିତା ଓ ଆପଣା ମାତାକୁ ସମ୍ଭ୍ରମ କର, ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ ।)*

*୬. (ତୁମ୍ଭେ ନରହତ୍ୟା କରିବ ନାହିଁ ।)*

*୭. (ତୁମ୍ଭେ ବ୍ୟଭିଚାର କରିବ ନାହିଁ ।)*

*୮. (ତୁମ୍ଭେ ଚୋରୀ କରିବ ନାହିଁ ।)*

*୯. (ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।)*

*୧୦. (ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ, ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା କି ଦାସ କି ଦାସୀ କି ତାହାର ଗୋରୁ, କି ଗଧ, କି ତୁମ୍ଭ ପ୍ରତିବାସୀର କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।)*

**ପ୍ରଶ୍ନ ୯୩. ଏହି ଆଜ୍ଞାଗୁଡ଼ିକୁ କିପରି ଭାଗ କରାଯାଇଅଛି ?**

କ. ଏହି ଆଜ୍ଞାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି, (ଯାତ୍ରା ୩୪:୨୮,୨୯) ପ୍ରଥମ ଭାଗଟି ଆମ୍ଭେମାନେ କିପରି ଈଶ୍ୱଙ୍କ ପ୍ରତି ଆଚରଣ କରିବା ଉଚିତ୍ ତାହା ପ୍ରକାଶ କରେ, ଏବଂ ଦ୍ୱିତୀୟ ଭାଗଟି, ଆମ୍ଭମାନଙ୍କର ପ୍ରତିବାସୀ ପ୍ରତି ଆମ୍ଭମାନଙ୍କର କଅଣ କର୍ତ୍ତବ୍ୟ ରହିଛି ତାହା ପ୍ରକାଶ କରେ । (୨ବିବରଣୀ ୪:୧୩; ୨ବିବରଣୀ ୧୦:୩,୪)

**ପ୍ରଶ୍ନ ୯୪. ପ୍ରଥମ ଆଜ୍ଞାରେ ଈଶ୍ୱର କଅଣ ପ୍ରକାଶ କରନ୍ତି ?**

କ. ମୁଁ ମୋର ପ୍ରାଣର ଯେତେ ସଙ୍କୋଟ ଭାବରେ ପରିତ୍ରାଣ ପ୍ରାପ୍ତ ହେବାପାଇଁ ଇଚ୍ଛା କରେ ସେ ଅନୁସାରେ, ସମସ୍ତ ପ୍ରକାରର ପ୍ରତିମା ପୂଜାଠାରୁ, ଏହି ବିଷୟଗୁଡ଼ିକୁ ଏଡ଼ାଇଯିବାକୁ ହେବ ଏବଂ ସେଗୁଡ଼ିକଠାରୁ ପଳାୟନ କରିବାକୁ ହେବ । ପ୍ରତିମା ପୂଜା, (୧କରନ୍ଥିୟ ୬:୯,୧୦; ୧କରନ୍ଥିୟ ୧୦:୭; ୧କରନ୍ଥିୟ ୧୦:୧୪) ଗୁଣିଆ, ଭୂତପ୍ରେତ ପରାମର୍ଶ, ଅନ୍ଧ ବିଶ୍ୱାସ, (ଲେବି ୧୮:୨୧; ୨ବିବରଣୀ ୧୮:୧୦-୧୨) ସାଧୁମାନଙ୍କୁ କିମ୍ବା ଅନ୍ୟ କୌଣସି ସୃଷ୍ଟିକୁ ପ୍ରଣାମ ନ କରିବା, (ମାଥିଉ ୪:୧୦; ପ୍ରକାଶିତ

୧୯:୧୦) ଏବଂ ଏକମାତ୍ର ସତ୍ୟ ଈଶ୍ୱରଙ୍କୁ ଠିକ୍ ଭାବରେ ଜାଣିବା, (ଯୋହନ ୧୭:୩) କେବଳ ତାହାଙ୍କଠାରେ ଭରସା ରଖିବା,(ଯିରିମିୟ ୧୭:୫; ଯିରିମିୟ ୧୭:୭) ନମ୍ର ଏବଂ ଧୈର୍ଯ୍ୟତାର ସହିତ, (ଏବ୍ରି ୧୦:୩୬; କଲସୀୟ ୧:୧୧; ରୋମୀୟ ୫:୩,୪; ଫିଲିପୀୟ ୨:୧୪) ତାହାଙ୍କଠାରେ କେବଳ ନିଜକୁ ସମର୍ପଣ କରିବା, (୧ପିତର ୫:୫,୬) କେବଳ ତାହାଙ୍କଠାରୁ ସମସ୍ତ ଉତ୍ତମ ବିଷୟ ଆଶା କରିବା, (ଗୀତ ୧୦୪:୨୭; ଯିଶାଇୟ ୪୫:୭; ଯାକୁବ ୧:୧୭) ପ୍ରେମ କରିବା, (୨ବିବରଣୀ ୬:୫; ମାଥିଉ ୨୨:୩୭) ଭୟ କରିବା, (୨ବିବରଣୀ ୬:୫; ମାଥିଉ ୧୦:୨୮) ଏବଂ ତାହାଙ୍କୁ ଗୌରବ ଦେବା, (ମାଥିଉ ୪:୧୦) ମୋହର ସଂପୂର୍ଣ୍ଣ ହୃଦୟତାର ସହିତ, ଯେପରି ମୁଁ ସମସ୍ତ ସୃଷ୍ଟିକୁ ଅସ୍ୱୀକାର କରେ ଏବଂ ପରିତ୍ୟାଗ କରେ, (ମାଥିଉ ୫:୨୯, ୩୦; ପ୍ରେରିତ ୫:୨୯; ମାଥିଉ ୧୦:୩୭) ତାହାଙ୍କର ଇଛା ବିରୁଦ୍ଧରେ ଯାଉଥିବା କ୍ଷୁଦ୍ର ବିଷୟ ମଧ୍ୟ ନ କରିବା । (ମାଥିଉ ୫:୧୯)

**ପ୍ରଶ୍ନ ୯୫. ପ୍ରତିମା ପୂଜା କଅଣ ଅଟେ ?**

କ. ପ୍ରତିମା ପୂଜା ହେଉଛି, ଯିଏ ନିଜକୁ ବାକ୍ୟରେ ପ୍ରକାଶ କରିଛନ୍ତି ସେହି ସତ୍ୟ ପରମେଶ୍ୱରଙ୍କୁ ଛାଡ଼ି ମନୁଷ୍ୟମାନେ ସେମାନଙ୍କର ଭରସା ରଖୁଥିବା ଯେକୌଣସି ଧାତୁ ବା ପଦାର୍ଥକୁ ଉପାସନା କରିବା । (୨ବଂଶାବଳୀ ୧୬:୧୨; ଫିଲିପୀୟ ୩:୧୮-୧୯; ଗାଲାତୀୟ ୪:୮; ଏଫିସୀୟ ୨:୧୨)

## ପ୍ରଭୁଙ୍କ ଦିନ ୩୫

**ପ୍ରଶ୍ନ ୯୬. ଦ୍ୱିତୀୟ ଆଜ୍ଞାରେ ପରମେଶ୍ୱର କଅଣ ଆବଶ୍ୟକ କରନ୍ତି ?**

କ. ଈଶ୍ୱରଙ୍କ ନାମରେ କୌଣସି ପ୍ରତିମା ପୂଜା କରିବା ନାହିଁ, (୨ବିବରଣୀ ୪:୧୫; ଯିଶାଇୟ ୪୦:୧୮; ରୋମୀୟ ୧:୨୩; ପ୍ରେରିତ ୧୭:୨୯) କିମ୍ବା ତାହା ଉପାସନା କରିବା ନାହିଁ, ଯାହା ସେ ତାହାଙ୍କର ବାକ୍ୟରେ ଆଜ୍ଞା ଦେଇଛନ୍ତି । (୧ଶାମୁଏଲ ୧୫:୨୩; ୨ବିବରଣୀ ୧୨:୩୦)

**ପ୍ରଶ୍ନ ୯୭. ତାହାହେଲେ ପ୍ରତିମାଗୁଡ଼ିକୁ ଆଦୌ ତିଆରି କରାଯିବ ନାହିଁ କି ?**

କ. ଈଶ୍ୱରଙ୍କୁ ଅନ୍ୟ କୌଣସି ଉପାୟରେ ଉପସ୍ଥାପନ କରାଯାଇପାରିବ ନାହିଁ, (୨ବିବରଣୀ ୪:୧୫,୧୬; ଯିଶାଇୟ ୪୬:୫; ରୋମୀୟ ୧:୨୩) କିନ୍ତୁ ଏକ ସୃଷ୍ଟି ଭାବରେ ଯଦ୍ୟପି ସେଗୁଡ଼ିକୁ ଉପସ୍ଥାପନ କରାଯାଏ, ତଥାପି ଈଶ୍ୱର ତାହାଙ୍କ ସାଦୃଶ୍ୟର କୌଣସି ବିଷୟ ତିଆରି କରିବା ପାଇଁ କିମ୍ବା ରଖିବା ପାଇଁ, ସେଗୁଡ଼ିକୁ ଉପାସନା କରିବା ପାଇଁ କିମ୍ବା ସେଗୁଡ଼ିକ ଦ୍ୱାରା ଈଶ୍ୱରଙ୍କର ଉପାସନା କରିବା ପାଇଁ ନିଷେଧ କରନ୍ତି । (ଯାତ୍ରା ୨୩:୨୪; ଯାତ୍ରା ୩୪:୧୩,୧୪; ଗଣନା ୩୩:୫୨; ୨ବିବରଣୀ ୭:୫)

**ପ୍ରଶ୍ନ ୯୮. ତେବେ ସାଧାରଣ ଲୋକମାନଙ୍କ ନିମନ୍ତେ ଲିଖିତ ପୁସ୍ତକ ପରି ମଣ୍ଡଳୀଗୁଡ଼ିକରେ ପ୍ରତିମାଗୁଡ଼ିକୁ ସହ୍ୟ କରାଯାଇପାରିବ ନାହିଁ କି ?**

କ. ନାହିଁ, କାରଣ ଆମ୍ଭେମାନେ ଅବଶ୍ୟ ଈଶ୍ୱରଙ୍କଠାରୁ ଅଧିକ ବୁଦ୍ଧିମାନ ପରି ଅଭିନୟ କରିବା ନାହିଁ, ଯିଏ ନିଜର ଲୋକମାନଙ୍କୁ ମୂକ ପ୍ରତିମାଗୁଡ଼ିକ ଦ୍ୱାରା ଶିକ୍ଷା ଦିଅନ୍ତି ନାହିଁ, (ଯିରିମିୟ ୧୦:୧; ଏବ୍ରି ୨:୧୮,୧୯) କିନ୍ତୁ ତାହାଙ୍କ ବାକ୍ୟର ଜୀବନ୍ତ ପ୍ରଚାର ଦ୍ୱାରା ଶିକ୍ଷା ଦିଅନ୍ତି। (୨ତିମଥି ୩:୧୬; ୨ପିତର ୧:୧୯)

## ପ୍ରଭୁଙ୍କ ଦିନ ୩୬

**ପ୍ରଶ୍ନ ୯୯. ତୃତୀୟ ଆଜ୍ଞାରେ କଅଣ ଆବଶ୍ୟକ କରାଯାଇଥାଏ ?**

କ. ଆମ୍ଭେମାନେ ଈଶ୍ୱରଙ୍କ ନାମକୁ କେବଳ ଅଭିଶାପ ଦେବା ନାହିଁ (ଲେବି ୨୪:୧୧; ଲେବି ୧୯:୧୨; ମାଥିଉ ୫:୩୭; ଲେବି ୫:୪) କିମ୍ବା ତାହା ଅପବ୍ୟବହାର କରିବା ନାହିଁ କିନ୍ତୁ ସେହି ନାମରେ ମିଥ୍ୟା ଶପଥ କରି ମଧ୍ୟ ଆମ୍ଭେମାନେ ତାହାଙ୍କର ନାମକୁ ଅପବ୍ୟବହାର କରିବା ନାହିଁ, ନିରବରେ ହେଉ କିମ୍ବା ପ୍ରକାଶ୍ୟରେ ହେଉ, ଅନ୍ୟମାନଙ୍କ ସହିତ ଏହି ଭୟଙ୍କର ପାପର ଅଂଶୀଦାର ହେବା ନାହିଁ ଏବଂ ସଂକ୍ଷିପ୍ତରେ, ଆମ୍ଭେମାନେ ଈଶ୍ୱରଙ୍କର ନାମକୁ ଭୟ ଏବଂ ସମ୍ମାନର ସହିତ ପବିତ୍ର ବୋଲି ଗ୍ରହଣ କରିବା, (ମାଥିଉ ୧୦:୩୨) ଯେପରି ଆମ୍ଭମାନଙ୍କ ଦ୍ୱାରା ତାହାଙ୍କୁ ଠିକ୍ ଭାବରେ ସ୍ୱୀକାର ଏବଂ ଉପାସନା କରାଯାଇପାରିବ, (୧ତିମଥି ୨:୮) ଏବଂ ଆମ୍ଭମାନଙ୍କ ସମସ୍ତ ବାକ୍ୟରେ ଏବଂ କର୍ମରେ ତାହାଙ୍କୁ ଗୌରବାନ୍ୱିତ କରାଯାଇପାରିବ । (୧କରନ୍ଥିୟ ୩:୧୬,୧୭)

**ପ୍ରଶ୍ନ ୧୦୦. ଶପଥ ଓ ଅଭିଶାପ ଦ୍ୱାରା ଈଶ୍ୱରଙ୍କ ନାମକୁ ଅପବିତ୍ର କରିବା ଏତେ ଘୃଣ୍ୟ ପାପ ଯେ, ସେମାନଙ୍କ ମଧ୍ୟରେ ଥିବା ମିଥ୍ୟା, ଏହିପରି ଅଭିଶାପ ଏବଂ ସପଥକୁ ପ୍ରତିରୋଧ ଏବଂ ବାରଣ କରିବାକୁ ଚେଷ୍ଟା କରନ୍ତି ନାହିଁ, ସେମାନଙ୍କ ଉପରେ ତାଙ୍କ କ୍ରୋଧ ପଜ୍ୱଳିତ ହୁଏ ।**

କ. ଏହା ନିଃସନ୍ଦେହରେ ଅଟେ, ଈଶ୍ୱରଙ୍କ ନାମକୁ ନିନ୍ଦିତ କରିବାଠାରୁ ଅନ୍ୟ ଏପରି କୌଣସି ପାପ ନାହିଁ, ଯାହା ଈଶ୍ୱରଙ୍କ କ୍ରୋଧକୁ ପ୍ରଜ୍ୱଳିତ କରିଥାଏ, (ଲେବି ୫:୧) ତେଣୁ ସେ ଏହିପ୍ରକାର ପାପ ନିମନ୍ତେ ମୃତ୍ୟୁଦଣ୍ଡ ଦେବାପାଇଁ ଆଦେଶ ଦେଇଛନ୍ତି । (ଲେବି ୨୪:୧୫)

## ପ୍ରଭୁଙ୍କ ଦିନ ୩୭

**ପ୍ରଶ୍ନ ୧୦୧. ଆମ୍ଭେମାନେ ଧର୍ମଗତ ଭାବରେ ଈଶ୍ୱରଙ୍କ ନାମରେ ଶପଥ କରିପାରିବା କି ?**

କ. ହଁ, ଯେତେବେଳେ ବିଚାରପତିମାନେ ଏହି ବିଷୟରେ ଦାବି କରନ୍ତି, ସେତେବେଳେ କୌଣସି ବିଷୟର ଆବଶ୍ୟକ ହୋଇଥାଏ, ପୁଣି ଆମ୍ଭମାନଙ୍କୁ ଦୋଷାରୋପ କରାଯାଉଥିବା ସମୟରେ, ସତ୍ୟତା ପ୍ରକାଶ କରି ଈଶ୍ୱରଙ୍କୁ ଗୌରବ ଦେବା ନିମନ୍ତେ ଏବଂ ଆମ୍ଭମାନଙ୍କର ପଡ଼ୋଶୀଙ୍କ ନିକଟରେ ସାକ୍ଷ୍ୟ ଦେବା ନିମନ୍ତେ, (ଯାତ୍ରା ୨୨:୧୧; ନିହିମିୟ ୧୩:୨୫) ଆମ୍ଭେମାନେ ଶପଥ କରିପାରିବା, କାରଣ ସେହିପ୍ରକାରର ଶପଥ ଈଶ୍ୱରଙ୍କ ବାକ୍ୟରେ ସ୍ଥାପିତ ହୋଇଅଛି, (୨ବିବରଣୀ ୬:୧୩; ଏବ୍ରି ୬:୧୬) ତେଣୁ ଶପଥ କରିବା ବିଷୟ ଈଶ୍ୱରଙ୍କ ସାଧୁମାନଙ୍କ ଦ୍ୱାରା ଉଭୟ ପୁରାତନ ଏବଂ ନୂତନ ନିୟମରେ ଠିକ୍ ଭାବରେ ବ୍ୟବହାର କରାଯାଇଅଛି । (ଆଦି ୨୧:୨୪; ଯିହୋଶୂୟ ୯:୧୫; ଯିହୋଶୂୟ ୯:୧୯, ୧ଶାମୁଏଲ ୨୪:୨୨, ୨କରନ୍ଥିୟ ୧:୨୩; ରୋମୀୟ ୧:୯)

ପ୍ରଶ୍ନ ୧୦୨. ଆମ୍ଭେମାନେ ସାଧୁ କିମ୍ବା ଅନ୍ୟ ଯେକୌଣସି ସୃଷ୍ଟି ନାମରେ ଶପଥ କରିପାରିବା କି ?

କ. ନୁହେଁ, କାରଣ ଏକ ବ୍ୟବସ୍ଥାପୂର୍ଣ୍ଣ ଶପଥ ଈଶ୍ୱରଙ୍କ ନାମରେ କରାଯାଇଥାଏ, ଯେଉଁ ଏକମାତ୍ର ଈଶ୍ୱର ଲୋକମାନଙ୍କର ହୃଦୟ ଜାଣନ୍ତି, ସେ ସତ୍ୟର ସାକ୍ଷ୍ୟ ବହନ କରିବେ ଏବଂ ଯଦି ମୁଁ ମିଥ୍ୟାରେ ଶପଥ କରିଥାଏ ତାହାହେଲେ ମୋତେ ଦଣ୍ଡଦେବେ, (୨କରନ୍ଥିୟ ୧:୨୩) ଯାହା ଅନ୍ୟ କୌଣସି ପ୍ରକାର ସୃଷ୍ଟି ସେହି ସମାଦର ପାଇବା ନିମନ୍ତେ ଯୋଗ୍ୟ ନୁହେଁ । (ମାଥିଉ ୫:୩୪,୩୫)

## ପ୍ରଭୁଙ୍କ ଦିନ ୩୮

**ପ୍ରଶ୍ନ ୧୦୩. ଚତୁର୍ଥ ଆଜ୍ଞାରେ ଈଶ୍ୱର କଅଣ ଆବଶ୍ୟକ କରନ୍ତି ?**

କ. ପ୍ରଥମ ବିଷୟ, ସୁସମାଚାରର ସେବାକାର୍ଯ୍ୟ ଏବଂ ଶିକ୍ଷାକୁ ବଜାଇ ରଖିବାକୁ ହେବ ଏବଂ ବିଶେଷକରି ବିଶ୍ରାମ ନେବାର ଦିନ ବିଶ୍ରାମବାରରେ, (୨ବିବରଣୀ ୧୨:୧୯; ତିତସ ୧:୫; ୧ତିମଥି ୩:୧୪,୧୫ ୧କରନ୍ଥିୟ ୯:୧୧; ୨ତିମଥି ୨:୨) ମୋତେ, (ଲେବି ୨୩:୩) ଈଶ୍ୱରଙ୍କ ମଣ୍ଡଳୀକୁ ନିଷ୍ଠାର ସହିତ ସର୍ବଦା, (ପ୍ରେରିତ ୨:୪୨; ପ୍ରେରିତ ୨:୪୬; ୧କରନ୍ଥିୟ ୧୪:୧୯; ୧କରନ୍ଥିୟ ୧୪:୨୯; ୧କରନ୍ଥିୟ ୧୪:୩୧; ୧କରନ୍ଥିୟ ୧୧:୩୩) ଈଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ, ଧର୍ମବିଧିକୁ ବ୍ୟବହାର କରିବା ପାଇଁ, ସର୍ବସାଧାରଣରେ ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବା ପାଇଁ, (୧ତିମଥି ୨:୧) ଏବଂ ଦରିଦ୍ର ଲୋକମାନଙ୍କର ସାହାଯ୍ୟ ପାଇଁ କିଛି ଦାନ କରିବା ପାଇଁ, (୧କରନ୍ଥିୟ୧୬:୨) ଯିବାକୁ ହେବ, ଯେପରି ମୁଁ ଜଣେ ଖ୍ରୀଷ୍ଟିୟାନ ହୋଇପାରିବି । ଦ୍ୱିତୀୟରେ, ମୋ ଜୀବନର ସମସ୍ତ ଦିନଗୁଡ଼ିକରେ ମୁଁ ମୋର ସମସ୍ତ କର୍ମରୁ ନିବୃତ ରହିବି ଏବଂ ମୋଠାରେ କାର୍ଯ୍ୟ କରୁଥିବା ତାହାଙ୍କ ପବିତ୍ର ଆତ୍ମାଙ୍କ ଶକ୍ତି ଏବଂ କାର୍ଯ୍ୟଦ୍ୱାରା ନିଜେ ପ୍ରଭୁଙ୍କଠାରେ ଲାଗି ରହିବି, ପୁଣି ଚୀର ବିଶ୍ରାମ ପାଇବା ନିମନ୍ତେ ଏହି ଜୀବନରେ ଏହିପରି ବିଶ୍ରାମ ନେବା ଆରମ୍ଭ କରିବି । (ଯିଶାଇୟ ୬୬:୨୩)

## ପ୍ରଭୁଙ୍କ ଦିନ ୩୯

### ପ୍ରଶ୍ନ ୧୦୪. ପଂଚମ ଆଜ୍ଞାରେ ଈଶ୍ୱର କଅଣ ଆବଶ୍ୟକ କରନ୍ତି ?

କ. ମୁଁ ଯେପରି ମୋହର ପିତାମାତାଙ୍କୁ ଏବଂ ଯେଉଁମାନଙ୍କର ମୋ ଉପରେ ଅଧିକାର ଅଛି ସେମାନଙ୍କ ପ୍ରତି ସମସ୍ତ ପ୍ରକାରର ସମ୍ମାନ, ପ୍ରେମ ଏବଂ ନିଷ୍ଠା ପ୍ରଦର୍ଶନ କରିବି ପୁଣି ସେମାନଙ୍କର ଉତ୍ତମ ଶିକ୍ଷାରେ ନିଜେ ବଶିଭୂତ ହେବି ଏବଂ ସେମାନଙ୍କର ସଂଶୋଧନରେ ଉପଯୁକ୍ତ ବାଧ୍ୟହେବି, (ଏଫିସୀୟ ୬:୧,୨; କଲସୀୟ ୩:୧୮; କଲସୀୟ ୩:୨୦; ଏଫିସୀୟ ୫:୨୨; ରୋମୀୟ ୧:୩୧) ଏବଂ ସେମାନଙ୍କର ଦୁର୍ବଳତା ଏବଂ ଦୋଷଗୁଡ଼ିକ ଧୈର୍ଯ୍ୟର ସହିତ ସହ୍ୟ କରିବି, (ହିତୋ ୨୩:୨୨) କାରଣ ସେମାନଙ୍କ ହସ୍ତ ଦ୍ୱାରା ଆମ୍ଭମାନଙ୍କୁ କର୍ତ୍ତୃତ୍ୱ କରିବା ବିଷୟ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥାଏ । (ଏଫିସୀୟ ୬:୫,୬; କଲସୀୟ ୩:୧୯; କଲସୀୟ ୩:୨୧; ରୋମୀୟ ୧୩:୧-୮; ମାଥିଉ ୨୨:୨୧)

## ପ୍ରଭୁଙ୍କ ଦିନ ୪୦

### ପ୍ରଶ୍ନ ୧୦୫. ଷଷ୍ଠ ଆଜ୍ଞାରେ ଈଶ୍ୱର କଅଣ ଆବଶ୍ୟକ କରନ୍ତି ?

କ. ଆମ୍ଭେମାନେ ଚିନ୍ତାରେ ହେଉ କିମ୍ବା କଥାରେ ହେଉ କିମ୍ବା ଆମ୍ଭମାନଙ୍କ ଦେଖିବା ଦ୍ୱାରା ହେଉ କିମ୍ବା କର୍ମଦ୍ୱାରା ହେଉ, ଯଦି ମୁଁ ମୋର ପଡ଼ୋଶୀଙ୍କୁ ଅସମ୍ମାନ ପ୍ରଦର୍ଶନ କରେ, ଘୃଣାକରେ, ଆଘାତ କରେ, କିମ୍ବା ମୁଁ ନିଜେ କିମ୍ବା ଅନ୍ୟ କାହାଦ୍ୱାରା ତାହାଙ୍କୁ ହତ୍ୟାକରେ, (ମାଥିଉ ୫:୨୧,୨୨; ହିତୋ ୧୨:୧୮; ମାଥିଉ ୨୬:୫୨) ଏବଂ କ୍ଷମା କରିବାର ସମସ୍ତ ଇଛାକୁ ଦୂରରେ ରଖି ତାହାଙ୍କର ପ୍ରତିଶୋଧ ନିଏ, (ଏଫିସୀୟ ୪:୨୬; ରୋମୀୟ ୧୨:୧୯; ମାଥିଉ ୫:୩୯,୪୦) ଆହୁରି ମଧ୍ୟ ମୁଁ ମୋର ନିଜକୁ ଆଘାତ କରିବି ନାହିଁ, କିମ୍ବା ଜାଣିଶୁଣି ନିଜକୁ ବିପଦରେ ପକାଇବି ନାହିଁ । (ମାଥିଉ ୪:୫-୭; କଲସୀୟ ୨:୨୩) ମାତ୍ର, ବିଚାରକ□ ହତ୍ୟାକୁ ରୋକିବା ନିମନ୍ତେ ଖଡ଼୍‌ଗ ଧାରଣ କରିପାରିନ୍ତି । (ଆଦି ୯:୬; ମାଥିଉ ୨୬:୫୨; ରୋମୀୟ ୧୩:୪)

### ପ୍ରଶ୍ନ ୧୦୬. କିନ୍ତୁ ଏହି ଆଜ୍ଞାଟି କେବଳ ନରହତ୍ୟା ପରି ମନେ ହୁଏ କି ?

କ. ନରହତ୍ୟା ନିଷେଧ କରିବା ସହିତ ଈଶ୍ୱର ଶିକ୍ଷା ଦିଅନ୍ତି ଯେ ସେ ଦ୍ୱେଷ, ଘୃଣା ଏବଂ ପ୍ରତିଶୋଧ ନେବାର ଇଛାକୁ (ଯାକୁବ ୧:୨୦; ଗାଲାତୀୟ ୫:୨୦; ରୋମୀୟ ୧:୨୯; ୧ଯୋହନ ୨:୯) ପୁଣି ଏହି ସମସ୍ତ ବିଷୟକୁ ସେ ନରହତ୍ୟା ଭାବରେ ଗଣନା କରନ୍ତି । (୧ଯୋହନ ୩:୧୫)

**ପ୍ରଶ୍ନ ୧୦୭. କିନ୍ତୁ ଉପରେ ଉଲ୍ଲେଖ କରାଯାଇଥିବା ପ୍ରକାରରେ ଆମ୍ଭେମାନେ କୌଣସି ପ୍ରକାରେ ମନୁଷ୍ୟଙ୍କୁ ମଧ୍ୟ ବଧ କରି ନ ଥାଉ ତାହା ଯଥେଷ୍ଟ ଅଟେ କି ?**

କ. ନାହିଁ, ଯେତେବେଳେ ଈଶ୍ୱର ଦ୍ୱେଷ, ଘୃଣା କିମ୍ବା କ୍ରୋଧକୁ ନିଷେଧ କରନ୍ତି, ସେ ଆମ୍ଭମାନଙ୍କର ପ୍ରତିବାସୀଙ୍କୁ ନିଜ ପରି ପ୍ରେମ କରିବା ପାଇଁ ଆଜ୍ଞା ଦିଅନ୍ତି, (ମାଥିଉ ୨୨:୩୯; ମାଥିଉ ୭:୧୨) ଆଉ ସେମାନଙ୍କ ପ୍ରତି ଧୈର୍ଯ୍ୟ, ଶାନ୍ତି, ନମ୍ରତା, କରୁଣା ଏବଂ ସମସ୍ତ ପ୍ରକାରର ଦୟା ଦେଖାଇବାକୁ ସେ ଆଜ୍ଞା ଦିଅନ୍ତି, (ରୋମୀୟ ୧୨:୧୦; ଏଫିସୀୟ ୪:୨; ଗାଲାତୀୟ ୬:୧,୨; ମାଥିଉ ୫:୫; ରୋମୀୟ ୧୨:୧୮; ଯାତ୍ରା ୨୩:୫) ପୁଣି ଆମ୍ଭମାନଙ୍କ ଦ୍ୱାରା ତାହାକୁ ଆଘାତ କରିବାର ବିଷୟ ନ କରିବାକୁ ସେ ଆଜ୍ଞା ଦିଅନ୍ତି । (ମାଥିଉ ୫:୪୫) ଏପରିକି ଆମ୍ଭେମାନେ ଆମ୍ଭମାନଙ୍କର ଶତ୍ରୁମାନଙ୍କର ମଧ୍ୟ ମଙ୍ଗଳ କରିବାକୁ ହେବ । (ରୋମୀୟ ୧୨:୨୦)

## ପ୍ରଭୁଙ୍କ ଦିନ ୪୧

**ପ୍ରଶ୍ନ ୧୦୮. ସପ୍ତମ ଆଜ୍ଞା ଆମ୍ଭମାନଙ୍କୁ କଅଣ ଶିକ୍ଷାଦିଏ ?**

କ. ସମସ୍ତ ପ୍ରକାରର ଅଶୁଚିତାକୁ ଈଶ୍ୱର ଦୋଷାରୋପ କରନ୍ତି (ଲେବି ୧୮:୨୭) ଏବଂ ଆମ୍ଭେମାନେ ଏହି ସମସ୍ତ ବିଷୟ ଆମ୍ଭମାନଙ୍କ ହୃଦୟରୁ ବାହାର କରିବାକୁ ହେବ, (୨ବିବରଣୀ ୨୯:୨୦-୨୩) ଏବଂ ମୃଦୁତାରେ ଏବଂ ନମ୍ରତାରେ, (୧ଥେସ ୪:୩,୪) ଜୀବନ ଯାପନ କରିବାକୁ ହେବ, ପୁଣି ପବିତ୍ର ବିବାହ ବନ୍ଧନରେ କିମ୍ବା ଏକାକୀ ଜୀବନରେ ଅଶୁଚିତା ଦୂର କରିବାକୁ ହେବ। (ଏବ୍ରି ୧୩:୪; ୧କରନ୍ଥିୟ ୭:୪-୯)

**ପ୍ରଶ୍ନ ୧୦୯. ଈଶ୍ୱର ଏହି ଆଜ୍ଞାରେ କେବଳ ବ୍ୟଭିଚାର ଏବଂ ଅଶ୍ଳୀଳ ପାପକୁ ନିଷେଧ କରନ୍ତି କି ?**

କ. ଆମ୍ଭମାନଙ୍କର ଉଭୟ ଶରୀର ଏବଂ ପ୍ରାଣ ପବିତ୍ର ଆତ୍ମାଙ୍କର ମନ୍ଦିର ହୋଇଥିବାରୁ, ସେଗୁଡ଼ିକୁ ଶୁଚି ଏବଂ ପବିତ୍ର ଭାବରେ ରଖିବା ନିମନ୍ତେ ସେ ଆଜ୍ଞା ଦିଅନ୍ତି, ସେହି କାରଣରୁ ସମସ୍ତ ପ୍ରକାରର ଅଶୁଚିତାର କର୍ମ, (ଏଫିସୀୟ ୫:୩; ୧କରନ୍ଥିୟ ୬:୧୮) ଦୃଷ୍ଟିରେ, ବାକ୍ୟରେ, ଚିନ୍ତାରେ, ଇଚ୍ଛାରେ, (ମାଥିଉ ୫:୨୮) ଏବଂ ମନୁଷ୍ୟଙ୍କୁ ଯାହାକିଛି ଉତ୍ତେଜିତ କରେ ସେସମସ୍ତ ବିଷୟକୁ ନିଷେଧ କରନ୍ତି । (ଏଫିସୀୟ ୫:୧୮; ୧କରନ୍ଥିୟ ୧୫:୩୩)

## ପ୍ରଭୁଙ୍କ ଦିନ ୪୨

**ପ୍ରଶ୍ନ ୧୧୦. ଅଷ୍ଟମ ଆଜ୍ଞାରେ ଈଶ୍ୱର କଅଣ ନିଷେଧ କରନ୍ତି ?**

କ. ଈଶ୍ୱର କେବଳ ଚୋରୀ କରିବା ଏବଂ ଲୁଣ୍ଠନ କରିବାକୁ ନିଷେଧ (୧କରନ୍ଥିୟ ୬:୧୦) କରନ୍ତି ନାହିଁ, (୧କରନ୍ଥିୟ ୫:୧୦) ଯାହା ନିମନ୍ତେ ବିଚାରପତିମାନଙ୍କ ଦ୍ୱାରା ଦଣ୍ଡ ପ୍ରଦାନ କରାଯାଇପାରେ, କିନ୍ତୁ ସେ ଚୋରୀ ନାମରେ ସମସ୍ତ ପ୍ରକାରର ଦୁଷ୍ଟତାର କୌଶଳ ଏବଂ ବୁଦ୍ଧିଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତି, ଯେପରି ଆମ୍ଭେମାନେ ଆମ୍ଭମାନଙ୍କର ପଡ଼ୋଶୀମାନଙ୍କର ଅନ୍ତର୍ଭୁକ୍ତ ଜିନିଷଗୁଡ଼ିକୁ, (ଲୂକ ୩:୧୪; ୧ଥେସ ୪:୬) ବାଧ୍ୟତାରେ ହେଉ କିମ୍ବା କୌଣସି ପ୍ରକାରର ଅନ୍ୟାୟ ଭାବରେ ହେଉ କିମ୍ବା ଅନ୍ୟାୟ ଓଜନରେ ହେଉ, (ହିତୋ ୧୧:୧) ଦଣ୍ଡରେ କିମ୍ବା ମାପରେ, (ହିଜକିୟ ୪୫:୯-୧୧; ୨ବିବରଣୀ ୨୫:୧୩) କିମ୍ବା ବ୍ୟବସାୟରେ ଶଠତା କିମ୍ବା ନକଲି ଟଙ୍କା, ଅପବ୍ୟବହାର, (ଗୀତ ୧୫:୫; ଲୂକ ୬:୩୫) କିମ୍ବା ଈଶ୍ୱରଙ୍କ ଦ୍ୱାରା ନିଷେଧ କରାଯାଇଥିବା ଯେକୌଣସି

ଅନ୍ୟ ଉପାୟରେ କରିବା ହେଉଛି ଲୋଭ, (୧କରନ୍ଥିୟ ୬:୧୦) ଏହି ସମସ୍ତ ବିଷୟ କରିବା| ଅପବ୍ୟବହାର ଏବଂ ଈଶ୍ୱରଙ୍କର ଦାନକୁ ନଷ୍ଟ କରିବା ଅଟେ ।

**ପ୍ରଶ୍ନ ୧୧୧. କିନ୍ତୁ ଏହି ଆଜ୍ଞାରେ ଈଶ୍ୱର କଅଣ ଆବଶ୍ୟକ କରନ୍ତି ?**

କ. ପ୍ରତ୍ୟେକ ସମୟରେ ମୁଁ ମୋହର ପଡ଼ୋଶୀ ପ୍ରତି ଯେପରି ପ୍ରାଧାନ୍ୟ ଦେବି ଏବଂ ଅନ୍ୟମାନେ ମୋପ୍ରତି ଯେପ୍ରକାର ବ୍ୟବହାର କରନ୍ତୁ ବୋଲି ମୁଁ ଇଚ୍ଛାକରେ ସେହିପରି ତାଙ୍କ ସହିତ ବ୍ୟବହାର କରିବି, (ମାଥିଉ ୭:୧୨) ଆହୁରି ମଧ୍ୟ ମୁଁ ବିଶ୍ୱସ୍ତ ଭାବରେ ପରିଶ୍ରମ କରିବି, ଯେପରି ମୋର ଆବଶ୍ୟକ ବିଷୟ ପାଇବା ନିମନ୍ତେ ମୁଁ ସକ୍ଷମ ହେବି । (ହିତୋ ୫:୧୬; ଏଫିସୀୟ ୪:୨୮)

## ପ୍ରଭୁଙ୍କ ଦିନ ୪୩

**ପ୍ରଶ୍ନ ୧୧୨. ନବମ ଆଜ୍ଞା କଅଣ ଆବଶ୍ୟକ କରିଥାଏ ?**

କ. ଯେପରି ମୁଁ କୌଣସି ଲୋକ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବି ନାହିଁ, (ହିତୋ ୧୯:୯; ହିତୋ ୨୧:୨୮) କିମ୍ବା କୌଣସି ବ୍ୟକ୍ତିର କଥାକୁ ମିଥ୍ୟା ଭାବରେ କହିବି ନାହିଁ, (ଗୀତ ୧୫:୩) ମୁଁ କାହା ବିରୁଦ୍ଧରେ କଥାବାର୍ତ୍ତା କରିବି ନାହିଁ କିମ୍ବା କାହାକୁ ନିନ୍ଦା କରିବି ନାହିଁ, (ରୋମୀୟ ୧:୨୯,୩୦) ମୁଁ କାହାକୁ ବିଚାର କରିବି ନାହିଁ କିମ୍ବା ଯେଉଁ ସ୍ଥାନରେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଅତିଶୀଘ୍ର କିମ୍ବା ନ ଶୁଣି ଦୋଷାରୋପ କରାଯାଉଅଛି ସେହି ନିନ୍ଦକମାନଙ୍କ ସହିତ ଯୋଗ ଦେବିନାହିଁ, (ମାଥିଉ ୭:୧; ଲୁକ ୬:୩୭) କିନ୍ତୁ ମୁଁ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଭାବରେ, ସମସ୍ତ ପ୍ରକାରର ମିଥ୍ୟାଏବଂ ପ୍ରବଂଚନାକୁ ଏଡ଼ାଇବି, (ଲେବି ୧୯:୧୧) ଏହାଦ୍ୱାରା ମୁଁ ଈଶ୍ୱରଙ୍କଠାରୁ ବହୁତ କ୍ରୋଧ ଘେନିଆସିବି, (ହିତୋ ୧୨:୨୨; ହିତୋ ୧୩:୫) ଏହିପରି ଭାବରେ ବିଚାର ଏବଂ ଅନ୍ୟ ସମସ୍ତ ପ୍ରକାରର କାରବାରରେ ମୁଁ ସତ୍ୟକୁ ପ୍ରେମ କରିବି, ସଚ୍ଚୋଟ ଭାବରେ କହିବି ଏବଂ ଏହାକୁ ସ୍ୱୀକାର କରିବି, (୧କରନ୍ଥିୟ ୧୩:୬; ଏଫିସୀୟ ୪:୨୫) ଆହୁରି ମଧ୍ୟ ମୁଁ ପାରୁ ପର୍ଯ୍ୟନ୍ତ ମୋର ପ୍ରତିବାସୀଙ୍କୁ ରକ୍ଷା କରିବି ଏବଂ ତାହାଙ୍କର ଉ□ମତା ଏବଂ ତାହାଙ୍କର ଉତ୍ତମ ଚରିତ୍ର ବିଷୟରେ ଅନ୍ୟମାନଙ୍କୁ କହିବି, ଯେପରି ସେ ସମାଦର ପାଇବେ । (୧ପିତର ୪:୮)

## ପ୍ରଭୁଙ୍କ ଦିନ ୪୪

**ପ୍ରଶ୍ନ ୧୧୩. ଦଶମ ଆଜ୍ଞା ଆମ୍ଭମାନଙ୍କଠାରୁ କଅଣ ଆବଶ୍ୟକ କରେ ?**

କ. ଈଶ୍ୱରଙ୍କ ଆଜ୍ଞାର ବିରୁଦ୍ଧ କରୁଥିବା ଯେକୌଣସି ପ୍ରକାରର କ୍ଷୁଦ୍ରତମ ଚେତନା ବା ଧାରଣା ଆମ୍ଭମାନଙ୍କ ହୃଦୟରେ ଜାତ ନ ହେଉ କିନ୍ତୁ ଆମ୍ଭେମାନେ ସଦାବେଳେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ହୃଦୟରେ ପାପକୁ ଘୃଣାକରୁ ଏବଂ ଧାର୍ମିକତାରେ ଆନନ୍ଦ କରୁ । (ରୋମୀୟ ୭:୭)

**ପ୍ରଶ୍ନ ୧୧୪. କିନ୍ତୁ, ଯେଉଁମାନେ ଈଶ୍ୱରଙ୍କଠାରେ ପରିବର୍ତ୍ତନ ହୋଇଛନ୍ତି, ସେମାନେ ଏସବୁ ସିଦ୍ଧ ଭାବରେ ପାଳନ କରି ପାରନ୍ତି କି ?**

କ. ନାହିଁ, କିନ୍ତୁ ଏପରିକି ସବୁଠାରୁ ପବିତ୍ର ବ୍ୟକ୍ତି ତାଙ୍କ ଜୀବନରେ ଏହି ବାଧ୍ୟ ହେବା ବିଷୟଗୁଡ଼ିକୁ କେବଳ ଅଳ୍ପ ପାଳନ କରି ଆରମ୍ଭ କରିଛନ୍ତି, (ରୋମୀୟ ୭:୧୪) ସେମାନେ ସେମାନଙ୍କ ଜୀବନରେ ଯେଉଁ ସଚ୍ଚୋଟତାରେ ଆରମ୍ଭ କରିଛନ୍ତି, ତାହା ଦ୍ୱାରା କେବଳ କିଛି ପରିମାଣରେ ନୁହେଁ କିନ୍ତୁ ଈଶ୍ୱରଙ୍କର ସମସ୍ତ ଆଜ୍ଞାଗୁଡ଼ିକୁ ପାଳନ କରିଛନ୍ତି । (ରୋମୀୟ ୭:୨୨, ରୋମୀୟ ୭:୧୫, ଯାକୁବ ୩:୨)

**ପ୍ରଶ୍ନ ୧୧୫. କୌଣସି ମନୁଷ୍ୟ ଈଶ୍ୱରଙ୍କର ଦଶ ଆଜ୍ଞା ପାଳନ କରି ନ ପାରିବା ସତ୍ୱେ ଈଶ୍ୱର କାହିଁକି ସେଗୁଡ଼ିକୁ ଅତି କଠୋର ଭାବରେ ପ୍ରଚାର କରେ ?**

କ. ପ୍ରଥମ ବିଷୟ ହେଲା, ଆମ୍ଭେମାନେ ଆମ୍ଭମାନଙ୍କର ସାରା ଜୀବନ ଆମ୍ଭମାନଙ୍କର ପାପପୂର୍ଣ୍ଣ ସ୍ୱଭାବ ବିଷୟରେ ଜାଣିବା ପାଇଁ ଅଧିକରୁ ଅଧିକ ଶିକ୍ଷା କରିଥାଉ, (୧ଯୋହନ ୧:୯, ରୋମୀୟ ୩:୨୦, ରୋମୀୟ ୫:୧୩, ରୋମୀୟ ୭:୭) ଏବଂ ଏହା ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କଠାରେ ଅଧିକରୁ ଅଧିକ ନିଷ୍ଠାର ସହିତ ଅନ୍ୱେଷଣ କରାଇଥାଏ, (ରୋମୀୟ ୭:୨୪) ଏହିପରି ଆମ୍ଭେମାନେ ଅନବରତ ଉଦ୍‌ଯୋଗୀ ହୋଇଥାଉ ଏବଂ ପବିତ୍ର ଆତ୍ମାଙ୍କର ଅନୁଗ୍ରହ ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥାଉ, ଯେପର୍ଯ୍ୟନ୍ତ ଆଗାମୀ ଜୀବନରେ ଆମ୍ଭମାନଙ୍କର ସିଦ୍ଧତା ନିମନ୍ତେ ଯେଉଁ ପ୍ରସ୍ତାବ ଦିଆଯାଇଛି ସେହି ସ୍ଥାନରେ ପହଂଚିବା ପର୍ଯ୍ୟନ୍ତ (୧କରନ୍ଥିୟ ୯:୨୪, ଫିଲିପୀୟ ୩:୧୨-୧୪) ଆମ୍ଭେମାନେ ଈଶ୍ୱରଙ୍କର ପ୍ରତିମୂର୍ତ୍ତୀରେ ଅଧିକରୁ ଅଧିକ ପରିବର୍ତ୍ତୀତ ହୋଇଥାଉ ।

**ପ୍ରାର୍ଥନା**

**ପ୍ରଭୁଙ୍କ ଦିନ ୪୫**

**ପ୍ରଶ୍ନ ୧୧୬. ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରାର୍ଥନା କାହିଁକି ଆବଶ୍ୟକ ?**

କ. କାରଣ, ଏହା ହେଉଛି ଈଶ୍ୱର ଯାହା ଆମ୍ଭମାନଙ୍କଠାରୁ ଆବଶ୍ୟକ କରନ୍ତି ସେଥିପାଇଁ ଧନ୍ୟବାଦ ଦେବାର ଏକ ମୁଖ୍ୟ ଅଂଶ, (ଗୀତ ୫୦:୧୪,୧୫) ଏବଂ ଆହୁରି ମଧ୍ୟ ଯେଉଁମାନେ ତାହାଙ୍କଠାରେ ନିଷ୍ଠାର ସହିତ ସଦାବେଳେ ପ୍ରାର୍ଥନା କରିବେ ପୁଣି ଯେଉଁମାନେ ତାଙ୍କ ପ୍ରତି ଧନ୍ୟବାଦ ଦେବେ (ମାଥିଉ ୭:୭,୮; ଲୂକ ୧୧:୯; ଲୂକ ୧୧:୧୩; ମାଥିଉ ୧୩:୧୨; ଗୀତ ୫୦:୧୫) ସେମାନଙ୍କୁ ଈଶ୍ୱର ନିଜର ଅନୁଗ୍ରହ ଏବଂ ପବିତ୍ର ଆତ୍ମାଙ୍କୁ ପ୍ରଦାନ କରିବେ ।

**ପ୍ରଶ୍ନ ୧୧୭. ଯେଉଁ ପ୍ରାର୍ଥନାକୁ ଈଶ୍ୱର ଗ୍ରହଣ କରନ୍ତି ଏବଂ ଶୁଣନ୍ତି ସେହି ଅନୁରୋଧଗୁଡ଼ିକ କଅଣ କଅଣ ?**

କ. ପ୍ରଥମେ, ଆମ୍ଭେମାନେ ହୃଦୟତାର ସହିତ ଏକମାତ୍ର ସତ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରୁ, ଯିଏ ନିଜକୁ ବାକ୍ୟରେ ପ୍ରକାଶ କରିଛନ୍ତି, (ଯୋହନ ୪:୨୨,୨୩) ତାହାଙ୍କୁ ମାଗିବା ନିମନ୍ତେ ସେ ଯାହା ଆଦେଶ କରିଛନ୍ତି ସେହି ସମସ୍ତ ବିଷୟ ନିମନ୍ତେ, (ରୋମୀୟ ୮:୨୬; ୧ଯୋହନ ୫:୧୪) ଦ୍ୱିତୀୟରେ, ଆମ୍ଭେମାନେ ଠିକ୍ ଏବଂ ଫୁଙ୍ଖାନୁଫୁଙ୍ଖ ଭାବରେ ଆମ୍ଭମାନଙ୍କର ଆବଶ୍ୟକତା ଏବଂ ଦୁଃଖ ଜାଣିପାରୁ, ଯେପରି ଆମ୍ଭେମାନେ ତାହାଙ୍କ ଐଶ୍ୱରୀୟ ମହାନତାରେ ନିଜକୁ ଗଭୀର ଭାବରେ ନମ୍ର କରିବା, (ଯୋହନ ୪:୨୩,୨୪ ଗୀତ ୧୪୫:୧୮) ତୃତୀୟରେ, ଆମ୍ଭେମାନେ ଯେ ଏହା ପାଇବା ନିମନ୍ତେ ଯୋଗ୍ୟ ନୋହୁଁ ଏହା ସେ ଜାଣନ୍ତି ଏହି ବିଷୟ ଆମ୍ଭେମାନେ ହୃଦ୍‌ବୋଧ ହେବା, (୨ବଂଶାବଳୀ ୨୦:୧୨) ଆମ୍ଭମାନଙ୍କର ଉଦ୍ଧାରକର୍ତ୍ତା ଖ୍ରୀଷ୍ଟଙ୍କ ନିମନ୍ତେ, ସେ ଆମ୍ଭମାନଙ୍କର ପ୍ରାର୍ଥନା ଶୁଣିବେ, (ଗୀତ ୨:୧୧; ଗୀତ ୩୪:୧୮,୧୯; ଯିଶାଇୟ ୬୬:୨) ଯେପରି ସେ ତାହାଙ୍କ ବାକ୍ୟରେ ଆମ୍ଭମାନଙ୍କୁ ପ୍ରତିଜ୍ଞା କରିଛନ୍ତି । (ରୋମୀୟ ୧୦:୧୩; ରୋମୀୟ ୮:୧୫,୧୬; ଯାକୁବ ୧:୬; ଯୋହନ ୧୪:୧୩; ଦାନିଏଲ ୯:୧୭,୧୮ ମାଥିଉ ୭:୮; ଗୀତ ୧୪୩:୧)

**ପ୍ରଶ୍ନ ୧୧୮. ଆମ୍ଭେମାନେ ତାହାଙ୍କୁ କଅଣ ମାଗିବା ନିମନ୍ତେ ଈଶ୍ୱର ଆଦେଶ ଦେଇଛନ୍ତି ?**

କ. ପ୍ରାଣ ଏବଂ ଶରୀର ନିମନ୍ତେ ଆବଶ୍ୟକ ସମସ୍ତ ବିଷୟ,(ଯାକୁବ ୧:୧୭; ମାଥିଉ ୬:୩୩) ଯାହା ଆମ୍ଭମାନଙ୍କର ପ୍ରଭୁଯୀଶୁ ଖ୍ରୀଷ୍ଟ ନିଜେ ପ୍ରାର୍ଥନାରେ ଅନ୍ତର୍ଭୁକ୍ତ କରିଛନ୍ତି ଏବଂ ଯାହାସବୁ ସେ ଆମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି । (ମାଥିଉ ୬:୯, ୧୦; ଲୂକ ୧୧:୨)

**ପ୍ରଶ୍ନ ୧୧୯. ସେହି ପ୍ରାର୍ଥନାର ବାକ୍ୟଗୁଡ଼ିକ କଅଣ କଅଣ ?**

*କ. ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ ସେହିପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିଅଛୁ, ସେହିପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମାକର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷାକର । ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।*

## ପ୍ରଭୁଙ୍କ ଦିନ ୪୬

**ପ୍ରଶ୍ନ ୧୨୦. ଈଶ୍ୱରଙ୍କୁ ଆମ୍ଭମାନଙ୍କର ପିତା ଭାବରେ ସମ୍ବୋଧନ କରିବା ନିମନ୍ତେ ଖ୍ରୀଷ୍ଟ କାହିଁକି ଆମ୍ଭମାନଙ୍କୁ ଆଦେଶ ଦେଇଛନ୍ତି ?**

କ. ଆମ୍ଭମାନଙ୍କ ପ୍ରାର୍ଥନାର ଆରମ୍ଭରେ, ଆମ୍ଭେମାନେ ଯେପରି ପିଲାମାନଙ୍କ ପରି ଈଶ୍ୱରଙ୍କୁ ସମାଦର କରିବା ଏବଂ ତାହାଙ୍କ ଉପରେ ଭରସା ରଖିବା, ଯାହା ଆମ୍ଭମାନଙ୍କର ପ୍ରାର୍ଥନାର ଭିତ୍ତିମୂଳ ଅଟେ, ଅର୍ଥାତ୍, ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କର ପିତା ହୋଇଥିବାରୁ ଖ୍ରୀଷ୍ଟ ଏହି ଆଦେଶ ଦେଇଛନ୍ତି, (ମାଥିଉ ୬:୯) ଏବଂ ଆମ୍ଭେମାନେ ପ୍ରକୃତ ବିଶ୍ୱାସରେ ତାହାଙ୍କୁ ଯାହା କିଛି ମାଗୁ ତାହାକୁ ସେ ଅଗ୍ରାହ୍ୟ କରିବେ ନାହିଁ, ଯେପରିକି ଆମ୍ଭମାନଙ୍କର ପିତାମାତାମାନେ ଜଗତର ବିଷୟ ଆମ୍ଭମାନଙ୍କୁ ଦେବା ପାଇଁ ଅଗ୍ରାହ୍ୟ କରି ନ ଥାଆନ୍ତି । (ମାଥିଉ ୭:୯-୧୧; ଲୁକ ୧୧:୧୧; ଯିଶାଇୟ ୪୯:୧୫)

**ପ୍ରଶ୍ନ ୧୨୧. ଏହି ସ୍ଥାନରେ କାହିଁକି ଏପରି କୁହାଯାଏ ଯେ, ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ?**

କ. ଏହିପ୍ରକାର ନ କହିଲେ ଆମ୍ଭେମାନେ ଈଶ୍ୱରଙ୍କ ସ୍ୱର୍ଗସ୍ଥ ପରାକ୍ରମକୁ ଜଗତର କୌଣସି ବିଷୟ ଦ୍ୱାରା ଚିନ୍ତା କରିପାରି ନ ଥାଉ (ଯିରିମିୟ ୨୩:୨୪) ଏବଂ ଏହାଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କର ପ୍ରାଣ ଏବଂ ଶରୀର ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାରର ବିଷୟ ତାହାଙ୍କ ସର୍ବଶକ୍ତିମାନ ଶକ୍ତିଠାରୁ ଆଶା କରିଥାଉ । (ପ୍ରେରିତ ୧୭:୨୪; ରୋମୀୟ ୧୦:୧୨)

## ପ୍ରଭୁଙ୍କ ଦିନ ୪୭

**ପ୍ରଶ୍ନ ୧୨୨. ପ୍ରଥମ ନିବେଦନଟି କଅଣ ଅଟେ ?**

କ. ତୁମ୍ଭର ନାମ ପବିତ୍ର ବୋଲି ମାନ୍ୟ ହେଉ । (ମାଥିଉ ୬:୯) ଏହା ଆମ୍ଭମାନଙ୍କୁ ଈଶ୍ୱରଙ୍କୁ ଠିକ୍‌ରେ ଜାଣିବା ନିମନ୍ତେ ଶିଖାଇଥାଏ (ଯୋହନ ୧୭:୩; ଯିରିମିୟ ୯:୨୩,୨୪; ମାଥିଉ ୧୬:୧୭; ଯାକୁବ ୧:୫) ପୁଣି ତାହାଙ୍କୁ ପବିତ୍ର ବୋଲି ଚିହ୍ନିବାକୁ, ଗୌରବ ଦେବାକୁ ଏବଂ ପ୍ରଶଂସା ଦେବାକୁ । ପୁଣି ତାହାଙ୍କର ସମସ୍ତ କାର୍ଯ୍ୟରେ, ତାହାଙ୍କର ସମସ୍ତ ଶକ୍ତିରେ, ଜ୍ଞାନରେ, ଉତ୍ତମତାରେ, ନ୍ୟାୟରେ, କରୁଣାରେ, ଏବଂ ସତ୍ୟ ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହୋଇଅଛି, (ଗୀତ ୧୧୯:୧୩୭,୧୩୮; ଲୁକ ୧:୪୬; ଗୀତ ୧୪୫:୮,୯) ଆହୁରି ମଧ୍ୟ ଆମ୍ଭେମାନେ ଆମ୍ଭମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ଏବଂ ଆମ୍ଭମାନଙ୍କର ଭାବନାକୁ, କଥାବା􏰀କୁ ଏବଂ କର୍ମକୁ ଠିକ୍ ଭାବରେ ଚାଳିତ କରିବା, ଯେପରି ତାହାଙ୍କର ନାମ କଦାପି ନିନ୍ଦିତ ହେବ ନାହିଁ କିନ୍ତୁ ତାପରିବର୍ତ୍ତେ ଆମ୍ଭମାନଙ୍କ ଦ୍ୱାରା ସମାଦର ହେବ ଏବଂ ପ୍ରଶଂସା ପାଇବ । (ଗୀତ ୧୧୫:୧; ଗୀତ ୭୧:୮)

## ପ୍ରଭୁଙ୍କ ଦିନ ୪୮

**ପ୍ରଶ୍ନ ୧୨୩. ଦ୍ୱିତୀୟ ନିବେଦନଟି କଅଣ ଅଟେ ?**

କ. *ତୁମ୍ଭର ରାଜ୍ୟ ଆସୁ* । (ମାଥିଉ ୬:୧୦) ଏହାର ଅର୍ଥ ତୁମ୍ଭର ବାକ୍ୟ ଏବଂ ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କୁ ଶାସନକରୁ, ପୁଣି. ନିଜକୁ ସୁରକ୍ଷିତ ରଖିବା ପାଇଁ ଏବଂ ବୃଦ୍ଧି ପାଇବା ପାଇଁ ଯାହାଙ୍କଠାରେ ଆମ୍ଭେମାନେ ଅଧିକରୁ ଅଧିକ ନିଜକୁ ସମର୍ପଣ କରୁ, (ଗୀତ ୧୧୯:୫) ତୁମର ମଣ୍ଡଳୀ, (ଗୀତ ୫୧:୧୮) ମଣ୍ଡଳୀରେ ମନ୍ଦ ଆତ୍ମାର କାର୍ଯ୍ୟ ବିନାସ ହେଉ, (୧ଯୋହନ ୩:୮; ରୋମୀୟ ୧୬:୨୦) ଏବଂ ସମସ୍ତ ପ୍ରକାରର ହିଂସା ଯାହା ତୁମ୍ଭ ବିରୁଦ୍ଧରେ ପରସ୍ପର ଉଥିତ ହୁଏ ତାହା ଏବଂ ଆହୁରି ମଧ୍ୟ ତୁମ୍ଭର ପବିତ୍ର ବାକ୍ୟ ବିରୁଦ୍ଧରେ ଯାଉଥିବା ସମସ୍ତ ପ୍ରକାରର ମନ୍ତ୍ରଣା ଯେପର୍ଯ୍ୟନ୍ତ ତୁମ୍ଭର ରାଜ୍ୟ ସିଦ୍ଧ ଭାବରେ ସଂପୂର୍ଣ୍ଣ ହୋଇନାହିଁ, (ପ୍ରକାଶିତ ୨୨:୧୭; ପ୍ରକାଶିତ ୨୨:୨୦) ଯାହାଦ୍ୱାରା କି ତୁମେ ହିଁ ସର୍ବେସର୍ବା ହେବ । (୧କରନ୍ଥିୟ ୧୫:୧୫; ୧କରନ୍ଥିୟ ୧୫:୨୮)

## ପ୍ରଭୁଙ୍କ ଦିନ ୪୯

**ପ୍ରଶ୍ନ ୧୨୪. ତୃତୀୟ ନିବେଦନଟି କଅଣ ଅଟେ ?**

କ. *ସ୍ୱର୍ଗରେ ଯେପରି ଏହି ପୃଥିବୀରେ ସେହିପରି ତୁମ୍ଭର ଇଚ୍ଛା ସାଧିତ ହେଉ,* (ମାଥିଉ ୬:୧୦) ତୁମ୍ଭେ ମଞ୍ଜୁର କର, ଯେପରି ଆମ୍ଭେମାନେ ସମସ୍ତ ମନୁଷ୍ୟ ଆମ୍ଭମାନଙ୍କର ନିଜର ଇଚ୍ଛାକୁ ପରିତ୍ୟାଗ କରିବୁ, (ମାଥିଉ ୧୬:୨୪; ତିତସ ୨:୧୨) ଏବଂ ବଚସା ନ କରି ତୁମ୍ଭ ଇଚ୍ଛାର ବାଧ୍ୟ ହେବୁ, (ଲୁକ ୨୨:୪୨) ଯାହା କେବଳ ମଙ୍ଗଳ ଅଟେ, ଯେପରି ପ୍ରତି ବ୍ୟକ୍ତି ନିଜର କାର୍ଯ୍ୟରେ ଯୋଗଦେବେ ଏବଂ ତାହା ସାଧନ କରିବ, (୧କରନ୍ଥିୟ ୭:୨୪; ଏଫିସୀୟ ୪:୧) ପୁଣି ନିଜ ଇଚ୍ଛାରେ ଏବଂ ବିଶ୍ୱସ୍ତ ଭାବରେ ସ୍ୱର୍ଗର ଦୂତମାନଙ୍କ ପରି ନିଜ କାର୍ଯ୍ୟ କରିବ । (ଗୀତ ୧୦୩:୨୦)

## ପ୍ରଭୁଙ୍କ ଦିନ ୫୦

**ପ୍ରଶ୍ନ ୧୨୫. ଚତୁର୍ଥ ନିବେଦନଟି କଅଣ ଅଟେ ?**

କ. *ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ,* (ମାଥିଉ ୬:୧୧) ତାହା ହେଉଛି, ଆମ୍ଭମାନଙ୍କ ଶରୀର ନିମନ୍ତେ ଆବଶ୍ୟକ ସମସ୍ତ ବିଷୟ ଯୋଗାଇବା ନିମନ୍ତେ ସନ୍ତୁଷ୍ଟ ହୁଅ, (ଗୀତ ୧୪୫:୧୫; ମାଥିଉ ୬:୨୫) ଯେପରି ଆମ୍ଭେମାନେ ତୁମ୍ଭକୁ ସମସ୍ତ ଉ□ମ ବିଷୟର ଉତ୍ସ ବୋଲି ସ୍ୱୀକାର କରିପାରିବୁ, (ପ୍ରେରିତ ୧୭:୨୫; ପ୍ରେରିତ ୧୪:୧୭) ଏବଂ ଆମ୍ଭମାନଙ୍କର ଯତ୍ନ କିମ୍ବା କର୍ମ କିମ୍ବା ଏପରିକି ତୁମ୍ଭର ଦାନ, ତୁମ୍ଭର ଆର୍ଶୀବାଦ ବିନା ଆମ୍ଭମାନଙ୍କ ନିମନ୍ତେ ଉପକାର ହେବ ଏବଂ ଏହାଦ୍ୱାରା ଆମ୍ଭେମାନେ ସମସ୍ତ ସୃଷ୍ଟିଠାରୁ ନିଜର ଭରସାକୁ ଏଡ଼ାଇ ନେବୁ ଏବଂ କେବଳ ତୁମ୍ଭଠାରେ ସ୍ଥାପନ କରିବୁ । (୧କରନ୍ଥିୟ ୧୫:୫୮; ୨ବିବରଣୀ ୮:୩; ଗୀତ ୧୨୭:୧,୨; ଗୀତ ୬୨:୧୧; ଗୀତ ୫୫:୨୨)

## ପ୍ରଭୁଙ୍କ ଦିନ ୫୧

**ପ୍ରଶ୍ନ ୧୨୬. ପଂଚମ ନିବେଦନଟି କଅଣ ?**

କ. *ଆମ୍ଭେମାନେ ଯେପରି ଆମ୍ଭମାନଙ୍କର ଅପରାଧିମାନଙ୍କର ପାପ କ୍ଷମା କରିଅଛୁ ସେହିପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମାକର* (ମାଥିଉ ୬:୧୨) ତାହା ହେଉଛି ଖ୍ରୀଷ୍ଟଙ୍କର ରକ୍ତ ନିମନ୍ତେ ବିନତି କରିବା, ନିସହାୟ ପାପିମାନେ ଯେ, ଆମ୍ଭେମାନେ, ଆମ୍ଭମାନଙ୍କର ଅପରାଧକୁ ଆମ୍ଭମାନଙ୍କ ଉପରେ ସେ ନ ବର୍ତ୍ତାଇବାକୁ କିମ୍ବା ଆମ୍ଭମାନଙ୍କ ସହିତ ଲାଗି ରହିଥିବା ସେହି ବିପଥଗମନର ବିଷୟକୁ, (ଗୀତ ୫୧:୧; ୧ଯୋହନ ୨:୧,୨) ଯେପରି ଆମ୍ଭେମାନେ ଆମ୍ଭମାନଙ୍କଠାରେ ଥିବା ତୁମ୍ଭର ପ୍ରମାଣକୁ ସଦାବେଳେ ଅନୁଭବ

କରିବୁ ଯାହାଦ୍ୱାରା ଆମ୍ଭମାନଙ୍କର ପ୍ରତିବାସୀମାନଙ୍କୁ ହୃଦୟରୁ କ୍ଷମା କରିବା ନିମନ୍ତେ ଏହା ଆମ୍ଭମାନଙ୍କର ସ୍ଥିର ଦୃଢ଼ ନିଷ୍ପତି ହେବ । (ମାଥିଉ ୬:୧୪,୧୫)

### ପ୍ରଭୁଙ୍କ ଦିନ ୫୨

**ପ୍ରଶ୍ନ ୧୨୭. ଷଷ୍ଠ ନିବେଦନଟି କଅଣ ?**

କ. *ଆମ୍ଭମାନଙ୍କୁ ପରୀକ୍ଷାକୁ ନିଅ ନାହିଁ କିନ୍ତୁ ମନ୍ଦରୁ ରକ୍ଷାକରୁ* (ମାଥିଉ ୬:୧୩) ତାହାର ଅର୍ଥ ହେଉଛି ଆମ୍ଭେମାନେ ନିଜେ ନିଜେ ଏତେ ଦୁର୍ବଳ ଅଟୁ ଯେ ଆମ୍ଭେମାନେ ତୁମ୍ଭ ବିନା କିଛି ମୂହୁର୍ତ୍ତ ମଧ୍ୟ ଠିଆହୋଇପାରିବୁ ନାହିଁ, (ରୋମୀୟ ୮:୨୬; ଗୀତ ୧୦୩:୧୪) କାରଣ ଆମ୍ଭମାନଙ୍କର ଶତ୍ରୁ, (୧ପିତର ୫:୮) ଜଗତ, (ଏଫିସୀୟ ୬:୧୨; ଯୋହନ ୧୫:୧୯) ଏବଂ ଆମ୍ଭମାନଙ୍କର ମାଂସ, (ରୋମୀୟ ୭:୨୩; ଗାଲାତୀୟ ୫:୧୭) ପାପ କରିବାରେ କ୍ଷାନ୍ତ ହୁଏ ନାହିଁ, ସେଥିପାଇଁ ତୁମେ ପବିତ୍ର ଆତ୍ମାଙ୍କର ଶକ୍ତି ଦ୍ୱାରା ଆମ୍ଭମାନଙ୍କୁ ସୁରକ୍ଷା କର ଏବଂ ଶକ୍ତି ଦିଅ, ଯେପରି ଆମ୍ଭେମାନେ ଆମ୍ଭମାନଙ୍କର ଆତ୍ମିକ ଯୁଦ୍ଧରେ ହାରିବୁ ନାହିଁ କିନ୍ତୁ ସର୍ବଦା ଶକ୍ତିଯୁକ୍ତ ଭାବରେ ଆମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରତିରୋଧ କରିପାରିବୁ, (ମାଥିଉ ୨୬:୪୧; ମାର୍କ ୧୩:୩୩) ଯେପରି ପରିଶେଷରେ ଆମ୍ଭେମାନେ ସଂପୂର୍ଣ୍ଣ ବିଜୟ ଲାଭ କରିଅଛୁ । (୧ଥେସ ୩:୧୩; ୧ଥେସ ୫:୨୩)

**ପ୍ରଶ୍ନ ୧୨୮. ଆମ୍ଭେମାନେ ଏହି ପ୍ରାର୍ଥନାକୁ କିପରି ସମାପ୍ତ କରିଥାଉ ?**

କ. *ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର,* (ମାଥିଉ ୬:୧୩) ତାହା ହେଉଛି, ଏହି ସମସ୍ତ ବିଷୟ ଆମ୍ଭେମାନେ ତୁମ୍ଭଙ୍କୁ ମାଗୁ, କାରଣ ତୁମ୍ଭେ, ଆମ୍ଭମାନଙ୍କର ରାଜା ଏବଂ ସର୍ବଶକ୍ତିମାନ ହୋଇ, ଆମ୍ଭମାନଙ୍କୁ ଉତ୍ତମ ବିଷୟ ଦେବା ପାଇଁ ଇଚ୍ଛାକର ପୁଣି ସକ୍ଷମ ଅଟ, (ରୋମୀୟ ୧୦:୧୨; ୨ପିତର ୨:୯) ଆଉ ଆମ୍ଭେମାନେ ଏହି ସମସ୍ତ ବିଷୟ ପ୍ରାର୍ଥନା କରୁ, ଯେପରିକି ଏହା ଦ୍ୱାରା ଆମ୍ଭେମାନେ ନୁହେଁ କିନ୍ତୁ ତୁମ୍ଭେ ଚିରକାଳ ଗୌରବାନ୍ୱିତ ହେବ । (ଯୋହନ ୧୪; ୧୩; ଗୀତ ୧୧୫:୧; ଫିଲିପୀୟ ୪:୨୦)

**ପ୍ରଶ୍ନ ୧୨୯. ଆମେନ୍ ଶବ୍ଦର ତାତ୍ପର୍ଯ୍ୟ କଅଣ ?**

କ. ଆମେନ୍ ଶବ୍ଦର ତାତ୍ପର୍ଯ୍ୟ ହେଉଛି, ଏହା ପ୍ରକୃତରେ ଏବଂ ସତ୍ୟରେ ହେଉ, କାରଣ ମୁଁ ମୋ ହୃଦୟରେ ଅନୁଭବ କରୁଥିବାଠାରୁ ମୋର ପ୍ରାର୍ଥନା ଅଧିକ ନିଶ୍ଚିତ ଭାବରେ ଶୁଣାଯାଉ, ଯାହା ମୁଁ ତାହାଙ୍କଠାରୁ ପାଇବାକୁ ଇଚ୍ଛା କରୁଅଛି । (୨କରନ୍ଥିୟ ୧:୨୦; ୨ତିମଥି ୨:୧୩)